

ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍



## ସଂକ୍ଷେପରେ

### ୩ଫୁଟର ନାଗ ଉଦ୍ଧାର

**ରସୁଲପୁର, ୨୪।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଓଡଙ୍ଗ ଗ୍ରାମର ଯଦୁନାଥ ପଣ୍ଡାଙ୍କ ଗୁହାଳରୁ ସୋମବାର ଏକ ନାଗସାପ ଉଦ୍ଧାର କରାଯାଇଛି। ଜଗନ୍ନାଥ ଗୁହାଳକୁ ଯାଉଥିବା ସମୟରେ ଏକ ନାଗସାପଟିକୁ ଗୁହାଳରେ ଦେଖିଥିଲେ। ଏ ନେଇ ସେ ସାପ ଉଦ୍ଧାରକାରୀ ଦଳର ସହାୟତା ନେଇଥିଲେ। ଉଦ୍ଧାରକାରୀ ତପନ କୁମାର ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ନାଗକୁ ଉଦ୍ଧାର କରି ନିକଟସ୍ଥ ଏକ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ସାପ ଧରା ଦେଖିବାକୁ ଘଟଣାସ୍ଥଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କର ଭିଡ ଜମିଥିଲା।

### ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ
### ସେମିରେ ସ୍କାନ୍ ଭୁବନେଶ୍ୱର

**ଧର୍ମଶାଳା,୨୪।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ଜାଗୁଲାଇ ହାଇସ୍କୁଲ ପଡ଼ିଆରେ ୧୫ତମ ସଚ୍ଚିକାନ୍ତ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍କାନ ପାୟୋନିୟର ପୁରୀକୁ ହରାଇ ସ୍କାନ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ପାୟୋନିୟର୍ ପୁରୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ରନ୍ ସଂଗ୍ରହ କରିଥିଲା। ଜବାବରେ ସ୍କାନ୍ ଭୁବନେଶ୍ୱର ୧୦ ଓଭରରେ ୧ଉଇକେଟ ହରାଇ ମ୍ୟାଚ୍‌ର ବିଜୟୀ ହୋଇଥିଲା। ପ୍ରଭାତ ଜେନା ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ୪ର୍ଥ କ୍ୱାର୍ଟରେ ଫାଇନାଲ୍ ମ୍ୟାଚ୍ ରାମେଶ୍ୱର ସ୍ପୋର୍ଟିଂ ବ୍ରହ୍ମପୁର ଏବଂ ଟାଉନ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧରେ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ସ୍ୱରାଜ କେତନ ଜେନା ସୂଚନା ଦେଇଛନ୍ତି।

### ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ

**ଧର୍ମଶାଳା,୨୪।୧୨(ଡି.ଏନ୍.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଭୟପୁର ଅନ୍ତର୍ଗତ ଅଚ୍ୟୁତପୁର ହାଇସ୍କୁଲ ପଡ଼ିଆରେ ୧୪ନଂ ଜୋନ୍‌ର ୯ଟି ପଞ୍ଚାୟତକୁ ନେଇ ରବିବାର ୱାର୍ଡସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମିଳନୀରେ ଯାଜପୁର ଏମ୍‌ପି ରୀତା ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନରେ କର୍ମୀମାନେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଛନ୍ତି। ଧର୍ମଶାଳା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଯାଜପୁର ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ରାଜ୍ୟ ପରିଷଦର ସଦସ୍ୟ ଜଳଧର ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ବ୍ଲକ ଯୁବ ବିଜେଡି ସଭାପତି ପ୍ରସନ୍ନ ରାଉତ, ସୌମ୍ୟ ପ୍ରକାଶ ବିଶ୍ୱାଳ, ପୀତାମ୍ବର ନାୟକ, ସାଗର ନାୟକ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ। ପାଟପୁର ସରପଞ୍ଚ ନଗେନ ଦାସ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ସୁବ୍ରତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ଦାବି

**ବିରଜାକ୍ଷେତ୍ର,୨୪।୧୨(ଡି.ଏନ୍.ଏ):** ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଶୁଭ ଦିଆଯାଇଥିବା ସ୍ଥାନରେ ହିଁ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ଅଧିବାସୀମାନେ ସୋମବାର ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଦଶରଥପୁର ବ୍ଲକରେ ଜୟନ୍ତରା ଗ୍ରାମପଞ୍ଚାୟତ ଅବସ୍ଥିତ। ଜୟନ୍ତରା ଗ୍ରାମପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ପଞ୍ଚାୟତର ସରକାରୀ କାର୍ଯ୍ୟ ବ୍ରାହ୍ମଣୀ ଅଙ୍ଗନୱାଡ଼ି କେନ୍ଦ୍ରରେ ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଅଧିବାସୀମାନେ ଦାବି କରିଆସୁଥିଲେ। ୨୦୧୭ ନଭେମ୍ବର ୧୧ରେ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ପାଇଁ ବିଧାୟକ ପ୍ରଣବ ପ୍ରକାଶ ଦାସ ଜୟନ୍ତରା ଗ୍ରାମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କ ଅସହଯୋଗ ଯୋଗୁ ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁ ନାହିଁ। ପଞ୍ଚାୟତର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଶୁଭ ଦିଆଯାଇଥିବା ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନ କରି ଅନ୍ୟତ୍ର କରିବା ପାଇଁ ମସୁଧା କରୁଥିବାରୁ ଶୁଭ ଦିଆଯାଇଥିବା ସ୍ଥାନରେ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପଞ୍ଚାୟତର ଅଧିବାସୀମାନେ ସୋମବାର ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଠିକାଦାରି ରାଜନୀତି କରୁଛି ଜାରକା ଆର୍‌ଡି ବିଭାଗ
# ଧାର୍ଯ୍ୟ ଲକ୍ଷ୍ୟରୁ ମାତ୍ର ୨୮% ରାସ୍ତା ସମ୍ପୂର୍ଣ୍ଣ

**ଯାଜପୁର ଅଫିସ,୨୪।୧୨**

- ୩ ମାସରେ ୫୭.୧୯ କି.ମି. ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ
- ପିସି କାରବାର ଓ ନିମ୍ନମାନର କାର୍ଯ୍ୟକୁ ଅଗ୍ରାଧିକାର

ଯାଜପୁର ଗ୍ରାମ୍ୟ ନିର୍ମାଣ(ଆରଡି) ବିଭାଗର ଜାରକା ଡିଭିଜନ-୨ କାର୍ଯ୍ୟାଳୟ ଠିକାଦାରି ରାଜନୀତିରେ ମାତିଛି। ଗତ ପ୍ରାୟ ୪ବର୍ଷ ହେଲା ଏହି ଡିଭିଜନରେ ଦୁର୍ନୀତି ଓ ପ୍ରିୟାପ୍ରୀତି ସୀମା ଲଂଘିଛି। ରାଜନୈତିକ କବଜାରେ ଥିବା ଏହି ନିର୍ମାଣ ବିଭାଗ ତାର ଧାର୍ଯ୍ୟଲକ୍ଷ୍ୟକୁ ମଧ ଭୁଲିଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମଜିଏସୱାଇ)ରେ ୨୦୧୮-୧୯ ଆର୍ଥିକ ବର୍ଷରେ ଧାର୍ଯ୍ୟଲକ୍ଷ୍ୟ ୭୯.୪୪୦ କି.ମି.ରୁ ଡିସେମ୍ବର ୧୬ ସୁଦ୍ଧା ମାତ୍ର ୨୨.୨୩ କି.ମି. ସମ୍ପୂର୍ଣ୍ଣ ହୋଇଛି। ଯାହାକି ମାତ୍ର ୨୮ ପ୍ରତିଶତ। ବାକି ୩ ମାସରେ ୫୭.୧୯ କି.ମି. ରାସ୍ତା ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ହୋଇଛି। ଯାହାକି ଅସମ୍ଭବ ମନେ ହେଉଛି। ଏହି କାର୍ଯ୍ୟାଳୟରେ ବ୍ୟାପକ ପିସି କାରବାର ଓ ନିମ୍ନମାନର କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଉଥିବା ବେଳେ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବାରେ ବିଫଳ ହେଉଥିବା ଏଥିରୁ ଜଳଜଳ ହୋଇ ଦିଶୁଛି। ଦୀର୍ଘ ସମୟ ଧରି ଅବସ୍ଥାପିତ ନିର୍ବାହୀ ଯନ୍ତ୍ରୀଙ୍କ ମନମାନି କାର୍ଯ୍ୟ ଓ ସିଧାସଳଖ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ଯୋଗୁ ଏହି କାର୍ଯ୍ୟାଳୟ ତାର ଲକ୍ଷ୍ୟ ସାଧିତ କରି ପାରି ନ ଥିବା ମତପ୍ରକାଶ ପାଇଛି।

ଗତ ଜୁଲାଇ ସୁଦ୍ଧା ୧୭୫ଟି ପିଏମ୍‌ଜିଏସୱାଇ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଥିଲା। ଏଥିରେ ଜିଲାର ଗ୍ରାମ୍ୟ ନିର୍ମାଣ ଯାଜପୁର ଡିଭିଜନ-୧ ଅଧୀନରେ ୧୩୫ ଓ ଜାରକା ଡିଭିଜନ-୨ ଅଧୀନରେ ୪୦ଟି ରହିଛି। ସେଥିରୁ ୨୦୦୭-୦୮ ଆର୍ଥିକ ବର୍ଷରୁ ମଞ୍ଜୁରପ୍ରାପ୍ତ କେତେକ ରାସ୍ତା ମଧ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ସିଦ୍ଧାର୍ଥ ଦାସ, ବିଜୟକୁମାର ମହାପାତ୍ର, ପ୍ରଦୀପ କୁମାର ବେହୁରିଆ, ନନ୍ଦିଘୋଷ ଇନଫ୍ରାଷ୍ଟ୍ରକ୍ଟର, ଲଜିଷ୍ଟିକ, ଭୁବନେଶ୍ୱରୀ କନଷ୍ଟ୍ରକ୍ସନ, ରାଜେଶ ମହାପାତ୍ର, ରସାନନ୍ଦ ଜେନା, ଭଗବତ ଖଟୁଆ, ବିରଜା କନଷ୍ଟ୍ରକ୍ସନ, ସତ୍ୟସାଇ କନଷ୍ଟ୍ରକ୍ସନ, ଜଗନ୍ନାଥ କନଷ୍ଟ୍ରକ୍ସନ, ମା' ବାସୁଲେଇ କନଷ୍ଟ୍ରକ୍ସନ ପ୍ରମୁଖ ଦାୟୀ ବୋଲି କୁହାଯାଉଛି। ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରାୟ ୨୦୦୦କୋଟି ଟଙ୍କା ବିନିଯୋଗ ହୋଇପାରି ନ ଥିବାରୁ ଯୋଜନାର ଲକ୍ଷ୍ୟ ବାଟବଣା ହୋଇଛି। ଏହାବାଦ ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥା ସୁଦୃଢ଼ କରିବା ଲକ୍ଷ୍ୟ ମଧ ପ୍ରତିହତ ହୋଇଛି। ଏବେ ଡିଭିଜନ-୨ ଅନ୍ତର୍ଗତ ରାସ୍ତାର ଲମ୍ବ ନିର୍ମାଣ ଲକ୍ଷ୍ୟ ମଧ ପରାହତ ହୋଇଛି। ଆରଡି-ମହିଶରା, ଏନଏଚ-୫ ରୁ ରମ୍ଭାଦେଇପୁର, ପିଡକୁଡି ରାସ୍ତା-ସାନବନ୍ଦାଲୋ, ବାଜବାଟି-ଖୁଣ୍ଟା, ଏନଏଚ ୫-ଶକୁନ୍ତଳାପୁର, ଏନଏଚ-୫ ରୁ ନୂଆଶାସନ, ଏନଏଚ-୫ ରୁ ଦକ୍ଷିଣକୁଳ, ବରପଦା-ବଣିଆରି, ଏନଏଚ-୫ ରୁ କୁଦାଳ, ପ୍ରଥମାଖଣ୍ଡି-ବନ୍ଧଡିହ, ମାନପୁର-ଭଗିରଥପୁର, ଭଗିରଥପୁର-କୁଜିବର, ବାଉଁଶଡୋଲାଛକ-ଉପରଗଡ ପ୍ରକଳ୍ପ ହାତକୁ ନିଆଯାଇଛି। ସେହିପରି ଏନଏଚ-୨୦୦ ରୁ ସୋରେଇ, ଆର ଆଣ୍ଡ ବି-ବ୍ରହ୍ମାନନ୍ଦ, ଆରଡି-କାନପୁର, ଶାନ୍ତିବଜାର-ଆବଦନ, ବଡକାଏମା-ସେରାପୁର, ପିଏମଜିଏସୱାଇ ରାସ୍ତାରୁ ଜାଲଶୁଖା, ରାଇପଦା-କାଠଡିହ, ଅଲେଇକଣା-ସାନଚନ୍ଦନପୁର, ଭଗବାନପୁର ଆର ଆଣ୍ଡ ବି ରାସ୍ତାରୁ ବୁଢାଲିଙ୍ଗ, ବାରବାଟି-ଶବରସାହି, ଖରସୁଆଁ ନଦୀବନ୍ଧରୁ ଖାନବାଡି ଏପରି ୩୨ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିରେ ସମୁଦାୟ ୧୨୩.୫୭୯ କିମି ଦୈର୍ଘ୍ୟ ରାସ୍ତା ନିର୍ମାଣ କରିବାର ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୭୯.୪୪୦ କିମି ରାସ୍ତା ନିର୍ମାଣ ଲକ୍ଷ୍ୟ ରହିଛି। କିନ୍ତୁ ଏହି ୯ ମାସ ମଧ୍ୟରେ ମାତ୍ର ୨୨.୨୩୪ କିମି ରାସ୍ତା ନିର୍ମାଣ ହୋଇଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ଅନ୍ୟପକ୍ଷେ ୨୭.୬୧୮ କିମି ରାସ୍ତା ନିର୍ମାଣ ହାତକୁ ନିଆଯାଇନାହିଁ। ଏ ସଂକ୍ରାନ୍ତରେ ଜାରକା ଆରଡି ଡିଭିଜନ ପକ୍ଷରୁ ଦର୍ଶାଯାଇଛି ଯେ, ବଡଚଣା ସୀମାନ୍ତରୁ ବଡବାଲିକୁଦା ୦.୫୧୦ କିମି ରାସ୍ତା ନିର୍ମାଣ ପାଇଁ ୩ ଥର ଟେଣ୍ଡର ଆହ୍ୱାନ ହୋଇଛି। କିନ୍ତୁ ଏଯାଏ କେହି ଏଥିପ୍ରତି ଆଗ୍ରହ ଦେଖାଇ ନାହାନ୍ତି। ସେହିପରି କେନ୍ଦ୍ରାପଡା କେନାଲ ନଦୀବନ୍ଧ ରାସ୍ତାରୁ ବାଲିଚନ୍ଦ୍ରପୁରରୁ ଦେକୁଡି ରାସ୍ତାର ୧୧ କି.ମି. ରାସ୍ତା ଜଳସମ୍ପଦ ବିଭାଗର ଜମି ହସ୍ତାନ୍ତର ହୋଇ ପାରୁ ନ ଥିବାରୁ କାର୍ଯ୍ୟ ସମ୍ପନ୍ନ ହୋଇ ପାରୁନାହିଁ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗ ଜାରକା ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

### ୩ୟ ଦିନରେ କଳିଙ୍ଗନଗର ମହୋତ୍ସବ
## ମନ ଜିଣିଲେ ଅର୍ଚ୍ଚିତା, ଅସୀମା

**କଳିଙ୍ଗନଗର, ୨୪।୧୨ (ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଖରଡିମୌଜାରେ ଅନୁଷ୍ଠିତ କଳିଙ୍ଗନଗର ମହୋତ୍ସବ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନର ଶିତୁଆ ସନ୍ଧ୍ୟା ଅଭିନେତ୍ରୀ ଅର୍ଚ୍ଚିତାଙ୍କ ନାଚ ଓ ଅସୀମା ପଣ୍ଡାଙ୍କ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ଏଥିସହ ଇଣ୍ଡିଆନ ଗଟ ଟ୍ୟାଲେଣ୍ଟରେ ଭାଗ ନେଇଥିବା ମୁମ୍ବାଇର ମଲକିତ ସିଂଙ୍କ ବିଭିନ୍ନ କଳା ପଦର୍ଶନ ମନ ମୁଗ୍ଧକର ଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଲିଖିତ ଗୀତ କଣ୍ଠ ଶିଳ୍ପିଙ୍କ ଦ୍ୱାରା ପରିବେଶଣ କରାଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ, ଏଡିଏମ୍ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ଉପ ଜିଲାପାଳ ମହେଶ୍ୱର ବଳ, ତହସିଲଦାର ବୁଲବୁଲ ବେହେରା, ଦାନଗଦୀ ବିଡିଓ ବିଶ୍ୱଜିତ୍ ଦାସ, ଧର୍ମଶାଳା ବିଡିଓ ଅମ୍ବିକା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଦାନଗଦୀ ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାୟକ ସୁକିନ୍ଦା ଅଧକ୍ଷା ପଦ୍ମାବତୀ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶର୍ଟସର୍କିଟରୁ ଅଗ୍ନିକାଣ୍ଡ, ବୃଦ୍ଧ ଜୀବନ୍ତ ଦଗ୍ଧ

**ବିଞ୍ଝାରପୁର,୨୪।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଦାଣ୍ଡିସାହି ଗ୍ରାମରେ ଶର୍ଟସର୍କିଟ ଯୋଗୁ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଜଣେ ବୃଦ୍ଧ ଜୀବନ୍ତ ଜଳିଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ମୃତକ ହେଲେ ଦାଣ୍ଡିସାହି ଗ୍ରାମର ଜଗବନ୍ଧୁ ଦାସ(୬୪)। ଘରେ ନିଆଁ ଲାଗିଯିବା ପରେ ଜଗବନ୍ଧୁ ବାର୍ଦ୍ଧକ୍ୟ ଯୋଗୁ ଘରୁ ବାହାରି ପାରି ନ ଥିଲେ। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବିଞ୍ଝାରପୁର ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଜଗବନ୍ଧୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଘଟଣାସ୍ଥଳରୁ ଜଗବନ୍ଧୁଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ସୋମବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଜଗବନ୍ଧୁଙ୍କ ପରିବାର ରବିବାର ରାତିରେ ଘରେ ଉପସ୍ଥିତ ନ ଥିବା ବେଳେ ଜଗବନ୍ଧୁ ଖାଇସାରି ଶୋଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଜଗବନ୍ଧୁଙ୍କ ଜଣେ ପୁଅ ମାନସିକ ଅନଗ୍ରସର ବୋଲି ଜଣାପଡିଛି। ବାଛୋଳ ସରପଞ୍ଚ ତରୁଣ ସାହୁ, ସମିତିସଭ୍ୟ ସୁରେନ୍ଦ୍ର ସାହୁ, ଗିଣା ସରପଞ୍ଚ ପ୍ରତିନିଧି କୈଳାସ ମଲ୍ଲିକ, ଫତେପୁର ସମବାୟ ସମିତି ସମ୍ପାଦକ ମାନସ ରଞ୍ଜନ କବି, ମଳିଆ ଏଗାରପାଟଣା ଯାଦବ କମିଟିର ସଚ୍ଚିଦାନନ୍ଦ ଗୁରୁ, ଦେବ ପ୍ରସାଦ ସାହୁ, ସୌଭାଗ୍ୟ ରଞ୍ଜନ ନାୟକ, ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲ, ଭାଜପା ନେତା ଅମିୟ ମଲ୍ଲିକ, କଂଗ୍ରେସ ନେତା ମନୋରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ଶ୍ରବଣ କୁମାର ଯେନା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ତାଙ୍କ ପରିବାକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଭୁଶୁଡ଼ିଲା ବ୍ରହ୍ମାକୁଣ୍ଡ ପ୍ରବେଶ ଦ୍ୱାର, ଜଣେ ମୃତ

**ବିରଜାକ୍ଷେତ୍ର,୨୪।୧୨(ଡି.ଏନ୍.ଏ)**

ଯାଜପୁର ସହର କ୍ଷେତ୍ରେଶ୍ୱରୀ ମା' ବିରଜାଦେବୀଙ୍କ ପଶ୍ଚିମରେ ଥିବା ବ୍ରହ୍ମାକୁଣ୍ଡର ନିର୍ମାଣାଧୀନ ପ୍ରବେଶ ଦ୍ୱାର ଭୁଷୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ଯାଜପୁର ପୌରାଞ୍ଚଳ ଦେବୀଦ୍ୱାର ଅଞ୍ଚଳର ତୁଷାର ରଞ୍ଜନ କର (୪୫)। ପ୍ରକାଶ ଯେ, ମା' ବିରଜାଙ୍କ ବ୍ରହ୍ମାକୁଣ୍ଡର ପ୍ରବେଶ ଦ୍ୱାର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପଥରରେ ନିର୍ମାଣ କରାଯାଉଥିଲା। ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ପ୍ରବେଶ ଦ୍ୱାରର ସେଣ୍ଟ୍ରିଂକୁ ସୋମବାର ପୂର୍ବାହ୍ନରେ ଖୋଲାଯାଉଥିବା ବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ନିକଟରେ ଛିଡ଼ା ହୋଇଥିବା ତୁଷାରଙ୍କ ଉପରେ ପ୍ରବେଶ ଦ୍ୱାରରୁ ପଥର ଖସି ପଡ଼ିଯିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ସଙ୍ଗେସଙ୍ଗେ ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରିଥିଲେ। ମାତ୍ର କଟକରେ ପହଞ୍ଚିବା ପୂର୍ବରୁ ହିଁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏହା ଜଣାପଡ଼ିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ମହାବୀର ଜିମ୍‌ନାସିୟମ୍ ଅଧକ୍ଷ ନୀଳକଣ୍ଠ ମିଶ୍ର ଓ ବିରଜା ବାହିନୀ ସଭାପତି ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ବ୍ରହ୍ମାକୁଣ୍ଡଠାରେ ରାସ୍ତାରୋକୋ କରିଥିଲେ। ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ତହସିଲଦାର ସୁନୀଲ କୁମାର ମେହେର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ ଭୁଶୁଡ଼ି ପଡ଼ିଥିବା ପ୍ରବେଶ ଦ୍ୱାରର ଅନ୍ୟ ଅଂଶକୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ମୃତକଙ୍କ ପରିବାରକୁ ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସହ ଥଇଥାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟ କରୁଥିବା ଠିକାଦାରଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ କହିଛନ୍ତି। ସୋମବାର ସନ୍ଧ୍ୟାରେ ତୁଷାରଙ୍କ ମୃତଦେହ କଟକରୁ ଆସି ପହଞ୍ଚିବା ପରେ ତାଙ୍କ ପରିବାର ଲୋକେ ଓ ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ପ୍ରଦାନ ଦାବିରେ ପୁନଶ୍ଚ ଯାଜପୁର ଟାଉନ- ବିଞ୍ଝାରପୁର ରାସ୍ତାକୁ ଅବରୋଧ କରିଥିଲେ। ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ




ପ୍ରବେଶ ଦ୍ୱାର ଭୁଷୁଡ଼ି ପଡିଛି।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ରସୁଲପୁର, ୨୪।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତରେ ସୋମବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ, ମୁଖ୍ୟବକ୍ତା ଭାବେ ବରୀ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ସରପଞ୍ଚ ଅଭିମନ୍ୟୁ ମହାଲିକ, ଅତିଥିଭାବେ ବିଜୟ ଦାସ, ସମିତିସଭ୍ୟ ଅଟଳ ଦାସ, ବିଜେଡି ପଞ୍ଚାୟତ ସଭାପତି ଅବୁଦଲ୍ କାଲାମ, ସମ୍ପାଦକ ଜୁଲଫିକର ଅଲ୍ଲୀ ଖାଁ, ଅବୁଦଲ୍ ଦୟାଲ ଖାଁ, ଶରତ ଚନ୍ଦ୍ର ପାଣ୍ଡେ, ପଞ୍ଚାନନ ରାଉତ, ନିମାଇଁ ଦାସ, ବ୍ରହ୍ମବରଦା କଲେଜ ଅଧକ୍ଷ ମହେଶ୍ୱର ପାଢୀ ପ୍ରମୁଖ ଯୋଗଦେଇଥିଲେ । ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସାହିତ୍ୟ କସରଙ୍କୁ ମୁଁ ହିରୋ ଭାବରେ ପୁରସ୍କୃତ କରାଯାଇଛି। ବିଚାରକ ଭାବେ ମଣ୍ଟୁ ଦାସ, ଶ୍ରୀବତ୍ସ ସାହୁ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ମୁଁ ହିରୋକୁ ଚୟନ କରିଥିଲେ । ଜିଲା ପ୍ରୋଗ୍ରାମ ଅଧିକାରୀ ଗୌତମ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ଯୁବ ବାହିନୀ ପକ୍ଷରୁ ସେକ୍ ସାହାଜାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବଦୁଲ୍ ୱାହିଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିରଜା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ବାଳିକାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ସୁକିନ୍ଦା, ୨୪।୧୨(ଡି.ଏନ୍.ଏ.)**

ସୁକିନ୍ଦା ମହାବିଦ୍ୟାଳୟ ପରିସରରେ ୧୩ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଅଧକ୍ଷ କୃଷ୍ଣବଲ୍ଲଭ ଶତପଥୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧାପକ ଶିବରାମ ନନ୍ଦ, ଶରତ ନାୟକ, ଖବରଦାତା ବିମଳେନ୍ଦୁ ବେହୁରା ଏବଂ ସତ୍ୟଜିତ ଦାଶ ଯୋଗଦେଇ ଆତ୍ମରକ୍ଷା ତାଲିମର ଉପାଦେୟତା ସମ୍ବନ୍ଧରେ କହିଥିଲେ। ଶିବିରରେ ମହାବିଦ୍ୟାଳୟର ୨୦୦ ଜଣ ଛାତ୍ରୀଙ୍କୁ ତାଲିମଦାତ୍ରୀ ଭାଗ୍ୟଶ୍ରୀ ମହାପାତ୍ର ତାଲିମ ପ୍ରଦାନ କରିଛନ୍ତି। ପୁଷ୍ପାଞ୍ଜଳୀ ସାହୁ ଏବଂ ଜ୍ୟୋତିର୍ମୟୀ ସାହୁ ପରିଚାଳନା କରିଥିଲେ।

### ପାରିବାରିକ ସମସ୍ୟା ଯୋଗୁ ଆତ୍ମହତ୍ୟା

**ବିରଜାକ୍ଷେତ୍ର,୨୪।୧୨(ଡି.ଏନ୍.ଏ)**

ପାରିବାରିକ ସମସ୍ୟା ଯୋଗୁ ଜଣେ ବ୍ୟକ୍ତି ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଉକ୍ତ ବ୍ୟକ୍ତି ହେଲେ ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତ ମଇଦପୁର ଗୋପାଳ ସାହି ଗ୍ରାମର ଗଜେନ୍ଦ୍ର ସାହୁ(୪୫)। ପାରିବାରିକ ସମସ୍ୟା କାରଣରୁ ନିଜ ଶୋଇବା ଘରେ ସେ ସୋମବାର ରସି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ଯାଜପୁର ସଦର ଥାନା ଗଜେନ୍ଦ୍ରର ଶବକୁ ଜବତ କରିବା ସହ ୪୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି।

## ୩୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

**ଯାଜପୁର ଅଫିସ,୨୪।୧୨**

### ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ନଟପଦା କାହ୍ନୁଚରଣ ସ୍ମୃତି ସଂସଦ ଓ ବ୍ୟାସନଗର ପ୍ରେସ ଫୋରମ ମିଳିତ ଆନୁକୂଲ୍ୟରେ ରବିବାର ଜେମ୍ସ ସ୍କୁଲ ପରିସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଫୋରମ ସଭାପତି ଅଭୟ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ଅକ୍ଷୟ କୁମାର ଦାସ, ପୂର୍ବତନ ପୌରାଧକ୍ଷା ସବିତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୧୪ ସ୍କୁଲରୁ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହାବାଦ କିଚେନ କୁଇନ୍ ପ୍ରତିଯୋଗିତାରେ ମହିଳାମାନେ ସୁଆଦିଆ ଖାଦ୍ୟ ପରିବେଷଣ କରିଥିଲେ। ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ମଧୁସୂଦନ ନଗର ଶିଶୁ ମନ୍ଦିରର ଛାତ୍ର ସାଇଶଙ୍କର ମିଶ୍ର ପ୍ରଥମ, ଏନ୍‌ସି ହାଇସ୍କୁଲର ନିବେଦିତା ତ୍ରିପାଠୀ ଦ୍ୱିତୀୟ ଓ ମୋନାଲି ପଣ୍ଡା ତୃତୀୟ ସ୍ଥାନ ଦାଖଲ କରିଥିଲେ। ଚିତ୍ରାଙ୍କନରେ ସେଣ୍ଟମେରି ସ୍କୁଲର ନିକିତା ସରକାର ଓ ଏସବିଡି ସ୍କୁଲର ଅର୍ପିତା ଶୁଭଦର୍ଶିନୀ ଯୁଗ୍ମ ପ୍ରଥମ, ଏନସି ହାଇସ୍କୁଲର ଜିତେନ୍ଦ୍ର ପଣ୍ଡା ଦ୍ୱିତୀୟ ଏବଂ ଜେମ୍ସ ସ୍କୁଲର ସ୍ୱପ୍ନା ସାଗରିକା ଧଳ ଓ ପ୍ରିୟଙ୍କା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଉଭୟ ସିନିୟର ଓ ଜୁନିୟର ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶୀ ନୃତ୍ୟରେ ଜେମ୍ସ ସ୍କୁଲର ସିମରନ ସାହୁ ପ୍ରଥମ, ସେଣ୍ଟମେରୀ ସ୍କୁଲର ଦିବ୍ୟାସା ଖଣ୍ଡେଇ ଦ୍ୱିତୀୟ ଓ ମଧୁସୁଦନ ନଗର ସରସ୍ୱତୀ ଶିଶୁ ମନ୍ଦିରର ପ୍ରିୟାଂଶୁ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାବାଦ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜାନୁୟାରୀ ୧୦ରେ ଅନୁଷ୍ଠିତ ହେବାକୁ ଥିବା ଫୋରମର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ବରୀ ବିଧାୟକଙ୍କୁ ଝଟକା
# ପ୍ରକଳ୍ପ ତାଲିକା ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଯାଜପୁର ଅଫିସ,୨୪।୧୨**

- ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପ ତାଲିକା ଦେଇଥିଲେ ବିଧାୟକ
- ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବରୀ ଅଧକ୍ଷା

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରଠାରୁ ବରୀ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ଭାଜପା ମଧରେ କଡା ଟକ୍କର ଚାଲିଛି। ବିଧାୟକ ଦେବାଶିଷ ନାୟକଙ୍କ ସୁପାରିଶ କ୍ରମେ ୧କୋଟି ୨୬ଲକ୍ଷ ଟଙ୍କାର ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପ ତାଲିକା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହା ବିଧାୟକ ନାୟକଙ୍କୁ ଶକ୍ତ ଧକ୍କା ଦେଇଛି। ସୂଚନା ଯେ, ଏହି ଯୋଜନାରେ ବିଧାୟକଙ୍କ ତାଲିକାକୁ ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ଦାସ ବିରୋଧ କରିଥିଲେ। ଏହି ମର୍ମରେ ସମିତି ଅଧକ୍ଷତା ତାଙ୍କ ପତ୍ର ସଂଖ୍ୟା ୩୦୮୦ରେ ଜିଲା କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପତ୍ର ସଂଖ୍ୟା ୩୦୮୧ରେ ବିଧାୟକଙ୍କ ସୁପାରିଶକ୍ରମେ ଆଉ ଏକ ପ୍ରକଳ୍ପ ତାଲିକା ସମିତିକୁ ପଠାଯାଇଥିଲା। ଯାହାକୁ ନେଇ ବିବାଦ ଉପୁଜିଥିଲା। ଜିଲା ଯୋଜନା କମିଟିରେ ବିଧାୟକ ନିଜେ ସଭ୍ୟ ଥାଇ କିପରି ଭାବେ ବ୍ଲକ୍‌ରୁ ଯାଉଥିବା ପ୍ରକଳ୍ପ ତାଲିକା ଉପରେ ସୁପାରିଶ କଲେ ତାହାକୁ ନେଇ ଅଧକ୍ଷା ହାଇକୋର୍ଟରେ ଏକ ରିଟ୍ ପିଟିସନ୍ କେସ୍ ନଂ. ୧୫୨୭୮ ରେ ମାମଲା ରୁଜୁ କରିଥିଲେ। ଏଥିରେ ପଞ୍ଚାୟତିରାଜ ବିଭାଗର ସଚିବ, ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ, ଯାଜପୁର ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ବରି ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଏହାକୁ ହାଇକୋର୍ଟକୁ ବିଚାର କରି ୬ ସପ୍ତାହ ମଧ୍ୟରେ ପଞ୍ଚାୟତ ସଚିବ ଏହାକୁ ସମାଧାନ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଧକ୍ଷା ଦାସ ଏହି ନିର୍ଦ୍ଦେଶନାମା ବିରୋଧରେ ଡବଲ ବେଞ୍ଚରେ ରିଟ୍ ଅପିଲ ୫୩୯ ଦାୟର କରି ଘଟଣାଟିକୁ ପୁନର୍ବିଚାର କରିବାକୁ ନିବେଦନ କରିଥିଲେ। ଏହାପରେ ୧୫।୧୧।୨୦୧୮ରେ ଦେଇଥିବା ପ୍ରଥମ ନିର୍ଦ୍ଦେଶନାମାକୁ ଖାରଜ କରି ହାଇକୋର୍ଟ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପର ତାଲିକା ଉପରେ ଏଲ.ଏ. ନମ୍ବର ୮୬୮/୨୦।୧୨।୨୦୧୮ରେ ରହିତାଦେଶ ଦେଇଛନ୍ତି। ପ୍ରକାଶ ଯେ, ଏଫ୍‌ଡିଆର୍ ପ୍ରକଳ୍ପ ଉପରେ ମଧ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପ ଭଳି ବିଧାୟକ ଓ ସମିତି ଅଧକ୍ଷାଙ୍କ ପକ୍ଷରୁ ଦୁଇ ଦୁଇଟି ଭିନ୍ନ ତାଲିକା ଜିଲା କାର୍ଯ୍ୟାଳୟକୁ ଦିଆଯାଇଛି। ଯାହା ଉପରେ ବରୀ ଅଞ୍ଚଳର ଜଣେ ସାମାଜିକ କର୍ମୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଏହି ମାମଲାକୁ ମଧ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ବିଚାର ପାଇଁ ଜାନୁୟାରୀ ୨୧କୁ ସମୟ ଧାର୍ଯ୍ୟ କରିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ଧର୍ମଶାଳା,୨୪।୧୨(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲ ଓ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ରୀତା ତରାଇ ଯୋଗଦେଇଥିଲେ। ଶିକ୍ଷାବିତ ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଅନ୍ୟତମ ଅତିଥି ଭାବେ ବିଡିଓ ଅମ୍ବିକା ପ୍ରସାଦ ଦାଶ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ ଯୋଗଦେଇଥିଲେ। ଶିକ୍ଷକ ପର୍ଶୁରାମ ଜେନା ଅତିଥି ପରିଚୟ ପ୍ରଦାନ, ପୁରାତନ ଛାତ୍ର ସଂସଦ ସଭାପତି ଅଭିମନ୍ୟୁ ରାଉତ ଅତିଥିଙ୍କୁ ଉପଢୌକନ ପ୍ରଦାନ କରିଛନ୍ତି। ବିଦ୍ୟାଧର ସାହୁ ସ୍ୱାଗତ ଭାଷଣ ଦେଉଥିଲବେଳେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ଚିତ୍ରକରଙ୍କ ମୃତ୍ୟୁ ଘଟଣା

### ଚିତ୍ରକର ସଂଘ ପକ୍ଷରୁ ଆର୍ଥିକ ସହାୟତା

ସିଂହପୁର,୨୪।୧୨(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମର ଚିତ୍ରକର ସୁଶାନ୍ତ ଜେନାଙ୍କର ଏକ ସଡକ ଦୁର୍ଘଟଣାରେ ଗତ ଦଶଦିନ ତଳେ ପରଲୋକ ହୋଇଯାଇଛି। ଯାଜପୁର ଚିତ୍ରକର ସଂଘ ତରଫରୁ ରବିବାର ସୁଶାନ୍ତଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ବାସଭବନରେ ଚିତ୍ରକର ସଂଘ ପକ୍ଷରୁ ଶୋକସଭାର ଆୟୋଜନ କରାଯାଇଥିଲା। ଏଥିରେ ଯାଜପୁର ଚିତ୍ରକର ସଂଘ ସଭାପତି ଅକ୍ଷୟ ବେହୁରିଆ, ସମ୍ପାଦକ ମୋହନ ସାହୁ, ଉପସଭାପତି ପରମାନନ୍ଦ ଜେନା, କୋଷାଧକ୍ଷ ପ୍ରଶନ୍ତ ଜେନା, ବିଞ୍ଝାରପୁର ବ୍ଲକ ସଂଘ ସଭାପତି ସୁଦର୍ଶନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜେଡିସିସି ଚ୍ୟାଲେଞ୍ଜ କପ୍ ଉଦଘାଟିତ

ସିଂହପୁର,୨୪।୧୨(ଡି.ଏନ୍.ଏ.)- ସିଂହପୁରସ୍ଥିତ ଏୟାରଟେଲ ପଡିଆରେ ଚନ୍ଦନପୁର ସିଂହପୁର ଜୟଦୁର୍ଗା କ୍ରିକେଟ କ୍ଲବ ଆନୁକୁଲ୍ୟରେ ସୋମବାର ଜେଡିସିସି ଚ୍ୟାଲେଞ୍ଜ କପ୍ ଉଦ୍‌ଘାଟିତ ହୋଇଯାଇଛି। ବେଲପାଳ କ୍ରିକେଟ କ୍ଲବ ଓ ଯାଜପୁର ଟାଉନ୍ କ୍ରିକେଟ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବେଲପାଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୮୦ରନ ସଂଗ୍ରହ କରିଥିଲା। ଜବାବରେ ଯାଜପୁର ଟାଉନ୍ କ୍ରିକେଟ୍ ଟିମ୍ ମାତ୍ର ୬୨ ରନ୍ କରି ପରାସ୍ତ ହୋଇଥିଲା। ବିଶ୍ୱଜିତ ଜେନା, ଫୁସନ ମହାଳିକ, ବଳରାମ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଚିକିତ୍ସକ ସୋଏବ ଅଲି ଖାଁ ମୁଖ୍ୟ ଅତିଥି, ଖବରଦାତା ଅନଙ୍ଗ ଉଦୟ ବେଉରିଆ ପ୍ରମୁଖ ଯୋଗ ଦେଇଥିଲେ।

### ୧୦ ପଞ୍ଚାୟତର କର୍ମୀ ସମ୍ମିଳନୀ

ରସୁଲପୁର, ୨୪।୧୨(ଡି.ଏନ୍.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ ୧୦ଟି ପଞ୍ଚାୟତର ସୋମବାର ବିଜେଡି କର୍ମୀଙ୍କୁ ନେଇ ଅର୍ଥ ଗାଁ ପଞ୍ଚାୟତରେ ଏକ କର୍ମୀ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଅତଲାପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବରୀ ବିଧାୟକ ଦେବାଶିଷ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀଙ୍କୁ ଏକଜୁଟ ହୋଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନିରେ ବରୀ ବ୍ଲକ ବିଜେଡି ସଭାପତି ସେକ୍ ସଫି ଉଦ୍ଦିନ, ଜିଲାପରିଷଦ ସଭ୍ୟ ଅଶୋକୁମାର ସାମଲ, ବେଣୁଧର ଦାସ, ପ୍ରଦୀପ ଦାସ, ପ୍ରଭାତ କୁମାର ପୃଷ୍ଟି, ସୁଶାନ୍ତ କୁମାର ବେହେରା, ଅଭିମନ୍ୟୁ ମହାଳିକ, ଲକ୍ଷ୍ମୀଧର ମହାନ୍ତି, ବିଦ୍ୟାଧର କରଣଙ୍କ ସମେତ ବ୍ଲକ ଏବଂ ପଞ୍ଚାୟତର ବହୁ କର୍ମୀ ଓ ନେତା ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ୨୬ ତାରିଖରେ ବରୀଠାରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରାଯିବ। ଉତ୍ସବରେ ରସୁଲପୁର ଅଞ୍ଚଳରୁ ୫ହଜାରରୁ ଉର୍ଦ୍ଧ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି।

### ଶୋ'ରୁମ୍‌ରେ ଅଗ୍ନିକାଣ୍ଡ

କୋରେଇ,୨୪।୧୨(ସ୍ୱ.ପ୍ର.)- ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହାଇୱା ଶୋ'ରୁମ ବିରେନ୍ଦ୍ର ମୋଟର୍ସରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଶୋ'ରୁମ୍ ମାଲିକ ବିରେନ୍ଦ୍ର ମହାନ୍ତି ବୈତରଣୀରୋଡ୍ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ପ୍ରାୟ ୪୫ ଲକ୍ଷ ଟଙ୍କାର ଜିନିଷ ନଷ୍ଟ ହୋଇଥିବା ବିରେନ୍ଦ୍ର ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନ ଥିଲେ ମଧ କେହି ନିଆଁ ଲଗାଇ ଦେଇଛନ୍ତି ବୋଲି ଶୋ'ରୁମ୍ ମାଲିକ କହିଛନ୍ତି।

ଇମ୍ଫା ଠିକାସଂସ୍ଥାର ମନମାନି

# କ୍ଷତିରେ ଟ୍ରକ୍ ମାଲିକ, ଆନ୍ଦୋଳନ ପ୍ରସ୍ତୁତି

କାଳିଆପାଣି,୨୪।୧୨(ଡି.ଏନ.ଏ.)

ଇମ୍ଫା ଖଣିରେ ନିୟୋଜିତ ଠିକାସଂସ୍ଥାର ମନମାନି ଟ୍ରକ ମାଲିକଙ୍କୁ କ୍ଷତିରେ ପକାଇଛି। ଏ ନେଇ ଟ୍ରକ ମାଲିକ ସଂଘ ପକ୍ଷରୁ ଯେତେ ପ୍ରତିବାଦ କରାଯାଉଥିଲେ ହେଁ ପ୍ରତିକାର ହେଉନାହିଁ। ଇମ୍ଫା ଖଣିକୁ କ୍ରୋମାଇଟ ପରିବହନ କରିବାକୁ ନିଜସ୍ୱ ପରିବହନ ସଂସ୍ଥା ଟ୍ରକ ମାଲିକଙ୍କୁ ବିଭିନ୍ନ ଆଳ ଦେଖାଇ ଭଡ଼ା ପ୍ରଦାନ କରିବା ବଦଳରେ ଭଡ଼ା କାଟି ରଖିବା ସହ ବିଳମ୍ବରେ ଅର୍ଥ ଦେଉଥିବା ଅଭିଯୋଗ ହୋଇଛି। ଟ୍ରକରେ କ୍ରୋମାଇଟ କମ୍ ରହୁଥିବା (ସର୍ଟେଜ) ବାହାନା କରି ପରିବହନ ସଂସ୍ଥା ଲୁଟ କରୁଥିବା ମାଲିକମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ବାଲିସାହିସ୍ଥିତ ଗୋଡ଼ିପୋଖରିଆ ଗ୍ରାମର ରମାକାନ୍ତ ଜେନାଙ୍କ ଓଆର-୦୯ଏଫ-୧୨୨୩ ନମ୍ବର ଟ୍ରକ ଇମ୍ଫା କାଳିଆପାଣି ଖଣିରୁ ଚୌଦ୍ୱାରସ୍ଥିତ କାରଖାନାକୁ ପରିବହନ କରିଆସୁଛି। ଗତ ମଇ ମାସ ୨୯ ତାରିଖ ଦିନ କ୍ରୋମାଇଟ ଲୋଡ଼ିଂ କରିବାକୁ ଖଣିକୁ ପଶିଥିଲା। ଓଜନ କଣ୍ଟାରେ ନିଜ ଖାଲି ଟ୍ରକକୁ ଓଜନ କରିବାରୁ ୬ଟନ ୭୦୦ କେଜି ହୋଇଥିବା ବେଳେ ଲୋଡ଼ିଂ କରିବା ପରେ କ୍ରୋମାଇଟ ୧୦ଟନ ୯୦୦ କେଜି ହୋଇଥିଲା। ତେବେ ଚୌଦ୍ୱାର କାରଖାନାରେ କ୍ରୋମାଇଟ ଖାଲି କରିବା ପରେ ଖାଲି ଟ୍ରକ ୬ଟନ ୬୫୦ କେଜି ଦର୍ଶାଇ ସର୍ଟେଜ ହୋଇଥିବା ସ୍ଲିପରେ ଲେଖାଯାଇଥିଲା। ଏହାକୁ ଟ୍ରକମାଲିକ ରମାକାନ୍ତ ବିରୋଧ କରିଥିଲେ। ତେବେ ସେଠାରେ ରହିଥିବା ଅଧିକାରୀମାନେ ଟ୍ରକ ମାଲିକଙ୍କ ଅଭିଯୋଗକୁ ଶୁଣି ନ ଥିଲେ। ଏହାପରେ ଲୋଡ଼ିଂ ଦାୟିତ୍ୱରେ ଥିବା ଶୈଳେନ୍ଦ୍ର କୁମାର ଜେନାଙ୍କୁ ଜଣାଇବା ସହ ଲିଖିତ ଭାବେ ଅଭିଯୋଗ କରିଥିଲେ। ତେବେ ଜେନା ରୋକଠୋକ ଭାବେ ଏହାର ସମାଧାନ ସେ କରିପାରିବେ ନାହିଁ ବୋଲି ମନା କରିଥିଲେ। ସଟେଜ ବାହାନା କରି ରାମାକାନ୍ତ ପୂର୍ବରୁ ଜମା କରିଥିବା ୪ଟି ପେମେଣ୍ଟ ସ୍ଲିପରୁ ୧୦ହଜାର ୫୩ ଟଙ୍କା କାଟି ରଖିଥିଲେ। ଏହାବାଦ ପେମେଣ୍ଟ ସ୍ଲିପ ଦାଖଲ କରିବା ପରେ ୩ରୁ ୪ମାସ ପରେ ପରିବହନ ଭଡ଼ା ପାଉଥିବା ଅଭିଯୋଗ ହୋଇଛି। ଖଣିରେ ନିୟୋଜିତ ପରିବହନ ସଂସ୍ଥାଗୁଡ଼ିକ ଟ୍ରକମାଲିକଙ୍କୁ ପରିବହନ ଭଡା ଦେବାରେ ୪ମାସରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ କରୁଥିବାରୁ ଟ୍ରକମାଲିକ ମାନେ ଋଣ ଦେଇଥିବା ସଂସ୍ଥାକୁ ଋଣ ଶୁଝି ପାରୁନାହାନ୍ତି। ଫଳରେ ଟ୍ରକଗୁଡ଼ିକୁ ଋଣ ପ୍ରଦାନକାରୀ ସଂସ୍ଥା ନିଜ ଅକ୍ତିଆରକୁ ନେଉଥିବା ଅଭିଯୋଗ ହୋଇଛି। ଏ ନେଇ ୨୦୧୭ ମସିହା ଜାନୁୟାରୀ ୧ରେ ଟ୍ରକ ମାଲିକମାନେ ଜିଲାପାଳଙ୍କୁ ଭେଟି ପରିବହନ ସଂସ୍ଥା ଭଡ଼ା ପ୍ରଦାନରେ ଅହେତୁକ ବିଳମ୍ବ ସମ୍ବନ୍ଧରେ ଅବଗତ କରିଥିଲେ। ତଥାପି ସମାଧାନ ନ ହେବାରୁ ଇମ୍ଫା ଖଣି ଗେଟ ସମ୍ମୁଖରେ ଟ୍ରକ ମାଲିକ ସଂଘ ପକ୍ଷରୁ ଧାରଣ ପାଇଁ ଡ଼ାକରା ଦିଆଯାଇଥିଲା। ତେବେ ସେ ସମୟରେ କୌଣସି ମତେ ଇମ୍ଫା ଖଣି ପକ୍ଷରୁ ହସ୍ତକ୍ଷେପ କରି ସମାଧାନ କରାଯାଇଥିଲା। କିଛି ଦିନ ଭଡ଼ା ପ୍ରଦାନ ସ୍ୱାଭାବିକ ହୋଇଥିବାବେଳେ ପରିବହନ ସଂସ୍ଥା ପୁଣି ପୂର୍ବ ପ୍ରଥାକୁ ଆପଣାଇଛି। ଏ ସଂକ୍ରାନ୍ତରେ ଇମ୍ଫାରେ ନିୟୋଜିତ ପରିବହନ ସଂସ୍ଥା ମୁଖ୍ୟ ସନ୍ତୋଷ କୁମାର ଦାସଙ୍କୁ ପଚାରିବାରୁ, ଅଭିଯୋଗ ଉପରେ କୌଣସି ଉତ୍ତର ଦେଇ ପାରିବେ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ।



■ଟ୍ରକ୍‌ରେ କ୍ରୋମାଇଟ କମ୍ ରହୁଥିବା ବାହାନାରେ ହେଉଛି ଲୁଟ
■ଭଡ଼ା କାଟି ରଖିବା ସହ ଅର୍ଥ ବିଳମ୍ବରେ ଦେଉଥିବା ଅଭିଯୋଗ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଅଭିଯୁକ୍ତ ଗିରଫ

କୋରେଇ,୨୪।୧୨(ସ୍ୱ.ପ୍ର.)

ଜଣେ ବିବାହିତ ପୁରୁଷ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପାଣିକୋଇଲି ପୋଲିସ ରବିବାର ବିଳମ୍ବିତ ରାତିରେ ତାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତ ହେଲେ ଜଗତସିଂହପୁର ଥାନା ଅଞ୍ଚଳର ଜ୍ଞାନରଞ୍ଜନ ଦାସ(୩୮)। ଘଟଣାରୁ ପ୍ରକାଶ ଯେ, ଜ୍ଞାନରଞ୍ଜନ ଜଗତସିଂହପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ କିଛି ମାସ ହେବ କାଠ କାମ କରୁଥିଲେ। ଇତିମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାବାଳିକା ଝିଅକୁ ପ୍ରେମ ଜାଲରେ ଫସାଇ ଗତ ୮ ତାରିଖରେ ଫେରାର ହୋଇଯାଇଥିଲେ। ଦୁହେଁ ପାଣିକୋଇଲି ଥାନା ଅନ୍ତର୍ଗତ ଓଚିନ୍ଦା ରୋଡରେ ଏକ ଭଡ଼ାଘରେ ରହୁଥିଲେ। ନାବାଳିକାଙ୍କ ପରିବାର ଲୋକେ ତାଙ୍କୁ ଅପହରଣ କରିନେଇଥିବା ନେଇ ୧୩ ତାରିଖରେ ଜଗତସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୧୦୭/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

■ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ପଞ୍ଜୀକରଣ କଲେ ୩୭୦ ଦିବ୍ୟାଙ୍ଗ

ରସୁଲପୁର, ୨୪।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷାଧିକାରୀ ଲକ୍ଷ୍ମୀଧର ସାହୁ, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ୍ କୁମାର ପାତ୍ର, ବ୍ଲକ ସାମାଜିକ ସୁରକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ଚକ୍ରଧର ସୂତାର, ବିଇଓ ଶାନ୍ତନୁ କର, ସହକାରୀ ବ୍ଲକ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ଆଇ ସ୍ୱେଚ୍ଛାସେବବୀ ସଂଯୋଜିକା ବନ୍ଦନା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିବିରରେ ଶାରୀରିକ ଅକ୍ଷମ, ମାନସିକ ଅନଗ୍ରସରତା, ଅନ୍ଧ, ମୂକ, ବଧିର ଭଳି ୫ଟି ବିଭାଗରେ ଦୋଷତ୍ରୁଟି ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଏଥିରୁ ୪୧୦ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିବାବେଳେ ସେଥିମଧ୍ୟରୁ ୩୭୦ଜଣଙ୍କୁ ବିଭିନ୍ନ ସହାୟତା ପାଇଁ ଚିହ୍ନଟ କରାଯାଇଛି। ଶାରୀରିକ ଭିନ୍ନତା ଥିବା ୨୨୧ଜଣଙ୍କ ମଧ୍ୟରୁ ୧୮୩ଜଣ, ଦୃଷ୍ଟିବାଧିତ ୫୬ଜଣରୁ ୫୧, ଶ୍ରବଣରେ ସମସ୍ୟାଥିବା ୫୮ଜଣ, ମାସିକ ଅନଗ୍ରସର ଥିବା ୭୩ଜଣ, ଅନ୍ୟାନ୍ୟ ୫ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୧ଜଣଙ୍କୁ ତିନିଚକିଆ ଗାଡି, ଚକ ଲଗାଗାଡି, ଶ୍ରବଣ ଯନ୍ତ୍ର, ଆଶାବାଡି ଭଳି ୧୦ ପ୍ରକାର ସହାୟତା ସାମଗ୍ରୀ ଯୋଗାଇ ଦିଆଯିବା ପାଇଁ ସୁପାରିସ କରାଯାଇଛି । ୫୮ଜଣଙ୍କୁ ବସ୍ ଓ ଟ୍ରେନ୍ ପାସ୍‌ର ବ୍ୟବସ୍ଥା କରାଯାଇଛି । ୨ଜଣଙ୍କୁ ଗ୍ରାମୀଣ ଆବାସ, ୧୫ଜଣଙ୍କୁ ଭତ୍ତା, ୧୯ଜଣଙ୍କୁ ଦିବ୍ୟାଙ୍ଗ ଋଣ, ବୃତ୍ତି ପାଇଁ ୧୧୦ଜଣ, ମିଶନ କ୍ଷମତା ବୃଦ୍ଧି ଘଟାଇବା ଓ ଭୋକେସନାଲ ଥଇଥାନ ପାଇଁ ୪ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଛି । ଯୋଗାଣ ଅଧିକାରିଣୀ ରାଜଲକ୍ଷ୍ମୀ ପାତ୍ର, ଶିକ୍ଷାବିଭାଗରୁ ୧୨ଜଣ ସିଆରସିସି, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ଗ୍ରାମପଞ୍ଚାୟତର ବୈଷୟିକ ସହାୟିକା, ଶିଶୁ ମଙ୍ଗଳ ଅଧିକାରୀ ସୁପରଭାଇଜର, ଗ୍ରାମ୍ୟ ପାନୀୟ ଜଳ ବିଭାଗର ଯନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରୁଛନ୍ତି ।

ଭଲିବଲ୍ ଟୁର୍ନାମେଣ୍ଟ

### ଫାଇନାଲରେ ରୟାଲ, ମା' ଜାଡୁଆ କ୍ଲବ

କୋରେଇ,୨୪।୧୨(ସ୍ୱ.ପ୍ର.)

କୋରେଇ ବ୍ଲକର ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ସୋମବାର ଜହ୍ନା ପଞ୍ଚାୟତସ୍ଥିତ ଛୋଟରାୟପୁର ଗ୍ରାମରେ ପ୍ରଥମ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛୋଟରାରାୟପୁରସ୍ଥିତ ନିର୍ମାଣାଧୀନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ ଜହ୍ନା ପଞ୍ଚାୟତର ୪ଟି ଟିମ୍ ଭାଗ ନେଇଥିଲେ। କୁରୁପଦାସ୍ଥିତ ରୟାଲ କ୍ଲବ୍ ଓ ଛୋଟରାୟପୁର ସ୍ଥିତ ମା'ଜାଡୁଆ କ୍ଲବ୍ ଫାଇନାଲ୍‌କୁ ଯାଇଥିଲେ। ପରେ ପୁରସ୍କାର ବିତରଣ ଉତ୍ସବରେ ଛୋଟରାୟପୁର ଗ୍ରାମ ମୁଖ୍ୟ କେଶବ ଚନ୍ଦ୍ର ମଙ୍ଗରାଜ ମୁଖ୍ୟଅତିଥି, ବ୍ୟାସନଗର ରୋଟ୍ରାକ୍ଟ କ୍ଲବ ସଭାପତି ଅଭିଳାଷ ବୋଇତାଇ ମମଟସଜ୍ଞାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିଳ୍ପପତି ପ୍ରମୋଦ ଖୁଣ୍ଟିଆ, ସମାଜିକ କର୍ମୀ ରମେଶ ପାଢୀ ଓ ଜହ୍ନା ପଞ୍ଚାୟତ ଯୁବ ସଭାପତି ଦାମୋଦର ପାଢୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜହ୍ନା ପଞ୍ଚାୟତ ବିଜୁଯୁବ ବାହିନୀ ସଭାପତି ସତ୍ୟବ୍ରତ ନାୟକ ନେତୃତ୍ୱ ନେଇଥିଲେ। ଅମ୍ପାୟାର ଭାବେ ଆଶୁତୋଷ ସାହୁ ଏବଂ ଅପର୍ଣ୍ଣା ସାହୁ ଖେଳ ପରିଚାଳନା କରିଥିବା ବେଳେ ଯୁବ ବାହିନୀର ସମ୍ପାଦକ ଅମିତ କୁମାର ମହାନ୍ତି, କୋଷାଧ୍ୟକ୍ଷ ଦାମୋଦର ପାଢୀ, ଦେବାଶିଷ ପାଢୀ, ସୂର୍ଯ୍ୟମଣି ସାହୁଙ୍କ ସମେତ ଯୁବ ବାହିନୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଟ୍ରକ୍ ଚୋରି ଅଭିଯୋଗ

ଧର୍ମଶାଳା, ୨୪।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ଗ୍ରାମ ନିକଟରୁ ଏକ ଟ୍ରକ୍ ଚୋରି ହୋଇଥିବା ନେଇ ସୋମବାର ଟ୍ରକ୍ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ରବିବାର ରାତିରେ (ଓଆର୦୪ଏମ୍୦୩୨୫) ହାଇୱା ଟ୍ରକ୍‌କୁ ରାଇଛନ୍ଦା ଗ୍ରାମର ଡ୍ରାଇଭର ଛବି ରାଉତ ଘର ନିକଟରେ ରଖିଥିଲେ। ସକାଳେ ଗାଡି ନ ଥିବା ଦେଖିବାକୁ ପାଇଥିଲେ। ପରେ ସେ ରଗଡିପଶି ଗ୍ରାମର ପ୍ରଦୀପ୍ତ କୁମାର ବେହେରାଙ୍କୁ ଜଣାଇଥିଲେ।

■ବିନା ନୋଟିସରେ ଉଠା ଦୋକାନ ଉଚ୍ଛେଦକୁ ବିରୋଧ

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଯାଜପୁରରୋଡ,୨୪।୧୨(ନି.ପ୍ର.)

ବ୍ୟାସନଗର ପୌରପରିଷଦର ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ଉଠା ଦୋକାନକୁ ବିନା ନୋଟିସ୍‌ରେ ଉଚ୍ଛେଦ କରିବାକୁ ବିରୋଧ କରି ସୋମବାର ଉଠା ଦୋକାନୀ ଓ ଅସଂଗଠିତ ଶ୍ରମିକ ସଂଘ ପକ୍ଷରୁ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୋପବନ୍ଧୁ ଛକଠାରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ଉଠା ଦୋକାନୀ ବେପାର କରୁଥିଲେ। ପୌର ପରିଷଦ ଥଇଥାନ ନ କରି ବିନା ନୋଟିସ୍‌ରେ ଦୋକାନ ଉଚ୍ଛେଦ କରିବା ଯୋଗୁ ସେମାନେ ଜୀବିକା ହରାଇଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ବୈଠକ ଆୟୋଜିତ ହୋଇଥିଲା। କଂଗ୍ରେସର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି ଯୋଗଦେଇ ପୌର ପରିଷଦର ଏପରି କାର୍ଯ୍ୟକୁ ନିନ୍ଦା କରିଥିଲେ। ପୌରାଧିକାରୀ ଥଇଥାନ ନ କରିବା ଯାଏ ସେମାନେ ଦୋକାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯଦି କର୍ତ୍ତୃପକ୍ଷ ଦୋକାନ ଉଚ୍ଛେଦ କରନ୍ତି, ତେବେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅସଂଗଠିତ ଶ୍ରମିକ ସଂଘ ସଭାପତି ପରମାନନ୍ଦ ସେଠୀ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ସାହୁ, ସହ ସମ୍ପାଦକ ପ୍ରଦୀପ କୁମାର ବଳ, ଚକ୍ରଧର ଆଏଚ, ଭାଗବତ ଦାସ ଏବଂ ଉଠା ଦୋକାନୀମାନେ ଉପସ୍ଥିତ ଥିଲେ।



ଅସଙ୍ଗଠିତ ଶ୍ରମିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

■କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ

## ସୁପରସିକ୍ସରେ ରେଖିଦେଇପୁର

ଧର୍ମଶାଳା,୨୪।୧୨(ଡି.ଏନ୍.ଏ.)-

ଧର୍ମଶାଳା ନିର୍ବାଚନମଣ୍ଡଳୀ ବାରକଣା ଖେଳ ପଡ଼ିଆରେ ଅନୁଷ୍ଠିତ ୪ର୍ଥ କଳ୍ପତରୁ ଦାସ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଜୋନାଲ୍‌ସ୍ତରୀୟ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଜୋନାଲ୍‌ସ୍ତରୀୟ ମ୍ୟାଚ୍‌ରେ ଚକ୍ରଧରପୁର ଦଳକୁ ୫୯ ରନ୍‌ରେ ପରାସ୍ତ କରି ରେଖିଦେଇପୁର ଦଳ ଜୋନାଲ ଚାମ୍ପିୟନ୍ ହେବା ସହିତ ସୁପରସିକ୍ସରେ ପ୍ରବେଶ କରିଛି। ରେଖିଦେଇପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ୍ ହରାଇ ୧୯୪ ରନ୍ କରିଥିଲା। ଜବାବରେ ଚକ୍ରଧରପୁର ଦଳ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ୍ କରି ପରାସ୍ତ ହୋଇଥିଲା। ଖେଳକୁ ଇନ୍ତେକାମ୍ ଆଲାମ୍ ଓ ଅମରେଶ ପରିଡା ପରିଚାଳନା କରିଥିବାବେଳେ ଆୟସ୍ କାନ୍ତ ରାଉତ ଓ ପ୍ରକାଶ ଧଳ ସ୍କୋରରେ ସହାୟତା କରିଥିଲେ। ଖେଳରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ୍ ଅଗ୍ରୱାଲ୍, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଓ ସୁରେଖା ନାୟକ ପ୍ରମୁଖ ଯେଗାଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଛନ୍ତି। ଆସନ୍ତା ୨୬ ତାରିଖରେ ରସୁଲପୁର ବ୍ଲକ ୩୪ ନମ୍ବର ଜୋନ୍‌ର ନଠୁଆବରଠାରେ ଜାବରା ଓ କଲଣ ପଞ୍ଚାୟତ ଦଳ ମଧ୍ୟରେ ପ୍ରିକ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

■ସପ୍ତାହେ ହେଲା ଖୋଲିଲାଣି ମଣ୍ଡି

## ଆର୍‌ଏମ୍‌ସିର ଅସହଯୋଗ, ଧାନକିଣା ଠପ୍

ବରୀ,୨୪।୧୨(ସ୍ୱ.ପ୍ର.)

ବରୀ ବ୍ଲକରେ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। କୃଷକଙ୍କ ପାଇଁ ୧୩ ସେବା ସମବାୟ ସମିତି ରହିଛି। କୃଷି ଉତ୍ପାଦିତ ଦ୍ରବ୍ୟ ବିକ୍ରି ନିମନ୍ତେ ପ୍ରତିବର୍ଷ ମଣ୍ଡି ଖୋଲାଯାଏ। ଚଳିତ ବର୍ଷ ଡିସେମ୍ବର ୧୭ ଓ ୨୧ରେ ଅମଠପୁର ସେବା ସମବାୟ ସମିତି ଓ ଧାରପୁର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନ କ୍ରୟ ନିମନ୍ତେ ପ୍ରଶାସନ ପକ୍ଷରୁ ମଣ୍ଡି ଖୋଲାଯାଇଛି। ଆର୍‌ଏମ୍‌ସି(ରେଗୁଲେଟେଡ ମାର୍କେଟ କମିଟି) ଏହି ମଣ୍ଡିକୁ ସହଯୋଗ କରୁ ନ ଥିବାରୁ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ନ ଥିବା ଅଭିଯୋଗ ହୋଇଛି। ଫଳରେ ବ୍ୟାପକ ଅବ୍ୟବସ୍ଥାରେ ମଣ୍ଡି ଖୋଲା ଯାଇଥିଲାବେଳେ ଅଦ୍ୟାବଧି ଧାନ ଆସିପାରୁନାହିଁ । ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ୨୦୧୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ମଣ୍ଡି ଖୋଲା ରହିବ ବୋଲି ସୂଚନା ମିଳିଛି। ମଣ୍ଡିରେ ଏଫଏକ୍ୟୁ ମାନର ଧାନ କ୍ରୟ ହେବା ପାଇଁ ନିୟମ ରହିଛି। ଚଳିତବର୍ଷ ଧାନ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ରହିଥିଲାବେଳେ ଦଲାଲମାନେ କମ୍ ଦାମ୍‌ରେ ଚାଷୀଙ୍କ ନିକଟରୁ ଧାନ କିଣି ନେଉଛନ୍ତି। ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୨୯୦୦ ଟଙ୍କାକୁ ବୃଦ୍ଧି ନିମନ୍ତେ ବାରମ୍ବାର ଦାବି କରାଯାଉଛି। ହେଲେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏ ସଂକ୍ରାନ୍ତରେ ଧାରପୁର ସମବାୟ ସମିତି ସଭାପତି ସରୋଜ କୁମାର ଜେନା କୁହନ୍ତି, ମଣ୍ଡି ଖୋଲା ସରିଛି। ଆରଏମସି ସହଯୋଗ କରୁନାହିଁ। ଏ ନେଇ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଅପରପକ୍ଷରେ ନବ ନିର୍ମାଣ କୃଷକ ସଂଗଠନର ସହ ସଂଯୋଜକ ଅଜୟ କୁମାର ରଥ ସୋମବାର ଚାଷୀଙ୍କୁ ଭେଟି ମଣ୍ଡିରେ ଧାନ କ୍ରୟ କରିବାକୁ ନିବେଦନ କରିଛନ୍ତି।

## ବିରୂପା ନଦୀ ଘେରିବନ୍ଧର ଶିଳାନ୍ୟାସ

ଚଣ୍ଡିଖୋଲ,୨୪।୧୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଦେକୁରୀ ଓ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ଗ୍ରାମ ପାର୍ଶ୍ୱରେ ୪ କୋଟି ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଘେରି ବନ୍ଧର ଶିଳାନ୍ୟାସ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ପାଟକୁରା ବିଧାୟକ ବେଦପ୍ରସାଦ ଅଗ୍ରୱାଲ ସୋମବାର କରିଛନ୍ତି। କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ ଅଧୀନ ଚନ୍ଦନନଗର ସେକ୍ସନ ଅନ୍ତର୍ଗତ ୨ ଗ୍ରାମରେ ୧ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ରାସ୍ତାର ଶିଳାନ୍ୟାସ ମଧ କରାଯାଇଛି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବାଶିଷ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ବଡ଼ଚଣା ବିଧାୟକ ଶତପଥୀ ମୁଖ୍ୟଅତିଥି ଓ ପାଟକୁରା ବିଧାୟକ ଅଗ୍ରୱାଲ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଜଳ ସମ୍ପଦ ବିଭାଗ ଦ୍ୱାରା ଘେରିବନ୍ଧର ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ ସହ ସାଧାରଣ ଲୋକ ନଦୀକୁ ଯାତାୟାତ ପାଇଁ ୩ଟି ପାହାଚ ନିର୍ମାଣ କରାଯିବ ବୋଲି କେନ୍ଦ୍ରପଡ଼ା ଜିଲା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତରାୟ ସୂଚନା ଦେଇଥିଲେ। ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଅରବିନ୍ଦ ସାମଲ, ସରପଞ୍ଚ ସରସ୍ୱତୀ ବେହେରା, ତାପସ ରାୟ, ଶରତ କୁମାର ସାମଲ, ପଞ୍ଚାନନ ଧଳ, ସେକ୍ ମୋଇନ୍ ଅହମ୍ମଦ, ପଞ୍ଚାୟତ ସମିତ ଉପାଧକ୍ଷା ଉପାସନା ପାତ୍ର, ଜିଲା ପରିଷଦ ସଭ୍ୟ ଜବା ମୁର୍ମୁ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନି ଶଙ୍କର ଓଝା ପ୍ରମୁଖ ଯୋଗ ଦେଇଥିଲେ। ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

ବରୀ,୨୪।୧୨(ସ୍ୱ.ପ୍ର.)

ବରୀ ନିର୍ବାଚନମଣ୍ଡଳୀ ଅଙ୍ଗାଲୋ ପଞ୍ଚାୟତରେ ରବିବାର ଅପରାହ୍ନରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଦାସଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଦଳିତ ବସ୍ତିର ୫୦ରୁ ଉର୍ଦ୍ଧ୍ୱ ଭାଜପାରେ ଯୋଗଦାନ କରିଛନ୍ତି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫୁଲ୍ଲ ସାମଲ ସଭାପତିତ୍ୱ କରିଥିଲେ। ଯୁବନେତା ବିଶ୍ୱରଞ୍ଜନ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଉକ୍ତ ପଞ୍ଚାୟତ ବାରିଙ୍ଗି ଗ୍ରାମର ସିତନ ମଲିକ, ଜଗବନ୍ଧୁ ମଲିକ, ବସନ୍ତ ମଲିକ, ପ୍ରଶାନ୍ତ ମଲିକ, ବିଜୟ ମଲିକ, ବାଦଲ ମଲିକ, ଗାଙ୍ଗୁଲି ମଲିକ, କୁମର ମଲିକ, ଆନନ୍ଦ ମଲିକ, ରାଜକୁମାର ମଲିକ ଓ ଅରିଲୋ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଅନୁପ ମଲିକ ପ୍ରମୁଖ ଭାଜପାରେ ଯୋଗ ଦେଇଥିଲେ।

■ଫ୍ଲାଏ ଓଭରବ୍ରିଜ ନିର୍ମାଣ ପ୍ରସଙ୍ଗ

## କର୍ଣ୍ଣପାତ କରୁନାହାନ୍ତି ରେଳ କର୍ତ୍ତୃପକ୍ଷ

ଯାଜପୁର-କେନ୍ଦୁଝର ରେଳଷ୍ଟେଶନ

ଯାଜପୁରରୋଡ,୨୪।୧୨(ନି.ପ୍ର.)

ଯାଜପୁର-କେନ୍ଦୁଝର ପୂର୍ବତଟ ରେଳବାଇର ଏକ ପ୍ରମୁଖ ଷ୍ଟେଶନ। କଳିଙ୍ଗନଗର ଶିଳ୍ପାଞ୍ଚଳ ଯୋଗୁ ଦିନକୁ ଦିନ ଷ୍ଟେଶନର ମାନ୍ୟତା ବୃଦ୍ଧି ପାଉଛି। ରେଳ ଷ୍ଟେଶନର ଉଭୟ ପାର୍ଶ୍ୱରେ ଦୁଇଟି ଫାଟକ ରହିଛି। ଅନେକ ସମୟରେ ଫାଟକ ପଡ଼ିବା ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫାଟକ ବନ୍ଦ ହେବା ଫଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ତେବେ ରେଳ ଫାଟକ ଉପରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଯାଜପୁରରୋଡ ଜନସାଧାରଣ, ବିଭିନ୍ନ ସଂଗଠନ ଓ ଦଳ ପକ୍ଷରୁ ବହୁବାର ଆନ୍ଦୋଳନ ହୋଇଛି। ହେଲେ ରେଳ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରଶମିତ କରିଥିଲେ। ଯାଜପୁର-କେନ୍ଦୁଝର ରେଳ ଷ୍ଟେଶନ ଉପରେ ଓଭରବ୍ରିଜ ନିର୍ମାଣ କରିବା ସହ ଓ ଯଖପୁରା ଷ୍ଟେଶନର ବିକାଶ ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଆଠ ବର୍ଷ ପୂର୍ବେ ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଫାଟକ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଓଭରବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଟ୍ରାଫିକ୍ ଓ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୨ ମାସ ପୂର୍ବେ ଯାଜପୁର ଜିଲାପାଳ ଜିଲା ଖଣିଜ ପାଣ୍ଠିରୁ ଓଭରବ୍ରିଜ ନିର୍ମାଣ ପାଇଁ ବ୍ୟୟବରାଦ କରି ରେଳ କର୍ତ୍ତୃପକ୍ଷଙ୍କ ଅନୁମତି ପାଇଁ ଚିଠି ପଠାଇଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ନକ୍ସା ଓ ଯୋଜନା ମଧ କରାଯାଇଛି। ହେଲେ ରେଳ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କୁହନ୍ତି, ଫ୍ଲାଏ ଓଭରବ୍ରିଜ ପାଇଁ ପ୍ଲାନ ଏଷ୍ଟିମେଟ ସରିଛି। ଜିଲାପାଳ ରେଳ କର୍ତ୍ତୃପକ୍ଷଙ୍କୁ ଅନୁମତି ଦେବା ପାଇଁ ଚିଠି କରିଛନ୍ତି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ମହନ୍ତ ରାମଚନ୍ଦ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ଡେରାବିଶ, ୨୪।୧୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ, ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା, ଓଲଢ଼ି ମଠ ମହନ୍ତ ରାମଚନ୍ଦ୍ର ରାମାନୁଜ ଦାସଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ବିଷ୍ଣୁ ସହସ୍ର ନାମ, ଅଖଣ୍ଡନାମ ସଙ୍କୀର୍ତ୍ତନ ସହ ପୂର୍ବାହ୍ନରେ ରାମଚନ୍ଦ୍ରଙ୍କ ସମାଧି ପ୍ରତିଷ୍ଠା ଉତ୍ସବ ସମାପନ ହୋଇଥିଲା। ମଠ ପରିଚାଳନା କମିଟି, ଫକୀରାବାଦ ଓ ଓଲଢ଼ି ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ଏହି ଉତ୍ସବକୁ ଟ୍ରଷ୍ଟି ହଲଧର ଦାଶ, ଶ୍ରୀଚରଣ ନାୟକ, କ୍ଷୀରୋଦ ନାୟକ, ଚନ୍ଦ୍ରମୋହନ ତ୍ରିପାଠୀ, ଗୌରାଙ୍ଗ ସ୍ୱାଇଁ, ହୃଷୀକେଶ ଦାସ, ରଞ୍ଜନ କୁମାର ନାୟକ, ହଳଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକତାରୁ ଜୀବନ ଆରମ୍ଭ କରିଥିବା ମହନ୍ତ ରାମଚନ୍ଦ୍ର ଡେରାବିଶ ଅଂଚଳରେ ଶିକ୍ଷାର ବିସ୍ତାର ପାଇଁ ଡେରାବିଶ କଲେଜ, ମହିଳା କଲେଜ, ଫକୀରାବାଦଠାରେ ଏକ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ବ୍ଲକ ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ ସଂଗଠନରେ ସକ୍ରିୟ ରହି ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ସହ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ ଶେଷ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ରବି ସାମଲ, ପ୍ରାଧାପକ ଅଜୟ ରାଉତ ଯୋଗ ଦେଇଥିଲେ।

### କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ମାର୍ଶାଘାଇ,୨୪।୧୨(ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ହିନ୍ଦୁଳିଆ ପଞ୍ଚାୟତରେ ସୋମବାର ଅପରାହ୍ନରେ ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଘନଶ୍ରାମ ଲେଙ୍କାଙ୍କ ଝିଅ ଜ୍ୟୋତିର୍ମୟୀ ଲେଙ୍କା(୧୮)। ସେ କେନ୍ଦ୍ରାପଡା ସ୍ୱୟଂଚାଳିତ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ୩ୟ ବର୍ଷର ଛାତ୍ରୀ ଥିଲେ। ଅପରାହ୍ନରେ ସେ ଫ୍ୟାନରେ ଝୁଲିପଡିଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଜ୍ୟୋତିର୍ମୟୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମାର୍ଶାଘାଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପେଟ ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି।

### ୩୧୭ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି

**କେନ୍ଦ୍ରାପଡା ଅଫିସ, ୨୪।୧୨:** କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାଞ୍ଛାନିଧି ଦାସ-ଶ୍ରୀମତୀ ଦେବୀ ଚାରିଟେବଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ଟାଉନହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୩ ଶିକ୍ଷାନୁଷ୍ଠାନର ୩୧୭ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଟ୍ରଷ୍ଟି ଡ. ବିଷ୍ଣୁ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲାପାଳ ଦାଶରଥି ଶତପଥୀ, ଶିକ୍ଷାବିତ୍ ଦୀପ୍ତିରଞ୍ଜନ ପଟ୍ଟନାୟକ, ଶିବ ପ୍ରସାଦ ରାଓ, ଦାମୋଦର ଆଚାର୍ଯ୍ୟ, ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ର, ଭାରତଭୂଷଣ ମହାନ୍ତି ଓ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧାପକ ଦେବେନ୍ଦ୍ର କୁମାର ଦାସ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବୈଜୟନ୍ତୀ ଦାସ, ଗୋଆର ଆୟକର କମିଶନର ଆମ୍ରପଲ୍ଲୀ ଦାସ, ଡା.ବିଧୁଭୂଷଣ ଦାସ, ଡା.ଅଲେଖ ଚନ୍ଦ୍ର ଦାସ ଓ ବୈଜ୍ଞାନିକ ଜ୍ଞାନଦେବ ମହାରଣା ଯୋଗଦେଇଥିଲେ।

### ଶିକ୍ଷାର ବିକାଶରେ ଦେଶର ଉନ୍ନତି

**ମାର୍ଶାଘାଇ, ୨୪।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତିର ସମ୍ଭାଗ ସଦସ୍ୟ ସାରଦା ପ୍ରସନ୍ନ ମିଶ୍ର, କେନ୍ଦ୍ରାପଡ଼ା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିନେଶ ଦେବନାଥ, ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାଧାପକ ଡା. ଅମୀୟ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାର ବିକାଶ ହେଲେ ଦେଶର ପ୍ରଗତି ହେବ ଏବଂ ଅଜ୍ଞାନ ରୂପକ ଅନ୍ଧକାରରୁ ଦୂରେଇ ରହିବା ପାଇଁ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସରୋଜକାନ୍ତ ଚୌଧୁରୀ ସମ୍ପାଦକୀୟ ବିବରଣୀ ପାଠ, କୋଷାଧକ୍ଷ ଧ୍ରୁବ କିଶୋର ନାୟକ ଧନ୍ୟବାଦ ଦେଇଥିଲେ।

---

■ ବଗପାଟିଆରେ ଥଇଥାନ ପ୍ରସଙ୍ଗ

# ସାତଭାୟା ଛାଡ଼ିନାହାନ୍ତି ୧୪୮ ପରିବାର

■ଜୀବନଜୀବିକା ମୁଖ୍ୟ ସମସ୍ୟା

■ସମୁଦ୍ର ତଟାଞ୍ଚଳ କ୍ଷୟ ଯୋଗୁ କରାଯାଇଥିଲା ଥଇଥାନ

**କେନ୍ଦ୍ରାପଡା ଅଫିସ, ୨୪।୧୨**



ସାତଭାୟାରେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଘର।

ରାଜନଗର ବ୍ଲକ ଅନ୍ତର୍ଗତ ସାତଭାୟାର ଇଷ୍ଟ ଦେବୀ ମା'ପଞ୍ଚୁବରାହୀଙ୍କ ମୂର୍ତ୍ତିକୁ ଗତ ଏପ୍ରିଲ ୨୦ରେ ଗୁପ୍ତି ନିକଟସ୍ଥ ଥଇଥାନସ୍ଥଳୀ ବଗପାଟିଆର ନୂତନ ମନ୍ଦିରକୁ ନିଆଯାଇଛି। ଏହା ପୂର୍ବରୁ ରାଜ୍ୟ ସରକାର ସାତଭାୟାର ୫୭୧ ପରିବାରଙ୍କୁ ବଗପାଟିଆରେ ସ୍ଥାନାନ୍ତର କରିବା ପାଇଁ ଜମି ସହ ଆର୍ଥିକ ଅନୁଦାନ ଦେଇ ଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କେତେଜଣ ଗ୍ରାମବାସୀ ଘର ଭାଙ୍ଗି ଥଇଥାନସ୍ଥଳୀ ବଗପାଟିଆକୁ ଆସିଥିଲେ। ମାତ୍ର ଅନ୍ୟ କେତେଜଣ ସାତଭାୟାରେ ରହିଯାଇଥିଲେ। ଏବେ ବି ଉକ୍ତ ଅଞ୍ଚଳରେ ୧୪୮ ପରିବାର ଘର ନ ଭାଙ୍ଗି ରହିଛନ୍ତି ବୋଲି ସେମାନଙ୍କ ଆବେଦନ ପତ୍ରରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ କେତେଜଣ ଜୀବନଜୀବିକା ପାଇଁ ଥଇଥାନସ୍ଥଳୀକୁ ଯାଇ ନ ଥିବା କହୁଥିବା ବେଳେ ଅନ୍ୟ କେତେଜଣଙ୍କୁ ଥଇଥାନ ପ୍ରକ୍ରିୟାରେ ସାମିଲ କରାଯାଇନାହିଁ ବୋଲି ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହା ଏବେ ପ୍ରଶାସନ ଓ ବନବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

ସୂଚନାଯୋଗ୍ୟ, ବିଶ୍ୱତାପନର ପ୍ରଭାବ ଯୋଗୁ କେନ୍ଦ୍ରାପଡା ଜିଲା ୪୮ କିଲୋମିଟର ତଟାଞ୍ଚଳର କେତେକ ସ୍ଥାନରେ ସମୁଦ୍ର ତଟ କ୍ଷୟହେବା ଆରମ୍ଭ ହୋଇଛି । ଏନ୍‌ସିସିଆର (ନ୍ୟାଶନାଲ ସେଣ୍ଟର ଫର କୋଷ୍ଟାଲ ରିସର୍ଚ୍ଚ)ର ଗତ ଜୁଲାଇ ରିପୋର୍ଟ ଅନୁଯାୟୀ, ୧୯୯୯ ରୁ ୨୦୧୬ ମଧ୍ୟରେ ଦେଶର ୭,୫୧୭ ସମୁଦ୍ର ତଟ ମଧ୍ୟରୁ ୩୩ ପ୍ରତିଶତ ତଟ ଅବିରତଭାବେ କ୍ଷୟ ହେଉଛି । ଏହି ଧାରା ଓଡିଶାର ୪୮୫ କିଲୋମିଟର ସମୁଦ୍ର ତଟର ୨୮ ପ୍ରତିଶତ ସ୍ଥାନରେ ଦେଖାଦେଇଛି । ରାଜନଗର ତହସିଲର ରେକର୍ଡ ଅନୁଯାୟୀ, ସାନ ଗହୀରମଥା, ମୋହନପୁର, ହାବେଳିଚିନ୍ତାମଣିପୁର, ଗୋବିନ୍ଦପୁର, କାଦୁଆନାଶୀ, ସାହେବ ନଗର ଓ ପରମାନନ୍ଦପୁର ଗ୍ରାମକୁ ନେଇ ସାତଭାୟା ଗ୍ରାମ ଗଠିତ ହୋଇଥିଲା।

ଏହି ଗ୍ରାମରେ ପୂର୍ବରୁ ଚାଷ ଜମି ବ୍ୟତୀତ ୮୭୫ ଏକର ସ୍ଥାନ ରହିଥିଲା । ତେବେ ତଟକ୍ଷୟ ଯୋଗୁ ଅତିଷ୍ଠ ହୋଇ ୧୯୬୦ମସିହାରେ ଏହି ଅଧିବାସୀମାନେ କାହ୍ନୁପୁର, ସାତଭାୟା, ବରାହୀପୁର, ରବୀନ୍ଦ୍ରପଲ୍ଲୀ ଓ ମଗରକନ୍ଦାର ଆଦି ନୂଆ ଗ୍ରାମକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ଅବିରତ ଭାବେ ତଟକ୍ଷୟ ଯୋଗୁ ଏହି ଗ୍ରାମଗୁଡିକ ଏବେ ସମୁଦ୍ର ଗର୍ଭରେ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ୨୦୧୧ରେ କାହ୍ନୁପୁର ଗ୍ରାମ ସମୁଦ୍ର ଗର୍ଭକୁ ଚାଲିଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିଥିଲେ । ମାତ୍ର ଜୀବନଜୀବିକା କଥା ଚିନ୍ତାକରି ୧୪୮ ଗ୍ରାମବାସୀ ସାତଭାୟା ଛାଡି ନାହାନ୍ତି। ଏ ସମ୍ପର୍କରେ ବଗପାଟିଆ ଗ୍ରାମରେ ରହୁଥିବା କାଳନ୍ଦୀ ଚରଣ ବେହେରା କୁହନ୍ତି, ରାଜ୍ୟ ସରକାର ଥଇଥାନସ୍ଥଳୀରେ ଘର ନିର୍ମାଣ ପାଇଁ ବ୍ୟବସ୍ଥା କରିଛନ୍ତି । ମାତ୍ର ଜୀବନ ଜୀବିକା ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଏଥିଲାଗି ସେମାନଙ୍କୁ ସାତଭାୟା ଉପରେ ନିର୍ଭର କରିବାକୁ ପଡୁଛି । ସେଠାରେ ଚାଷ ଜମି ଥିବାରୁ ବାଧ ହୋଇ ରହିବାକୁ ପଡୁଛି। ସେହିପରି ଗ୍ରାମର ବହୁ ବ୍ୟକ୍ତି ମାଛ କଙ୍କଡା ଧରି ଜୀବିକ ନିର୍ବାହ କରୁଛନ୍ତି । ଫଳରେ ବଗପାଟିଆକୁ ସ୍ଥାନାନ୍ତର ହୋଇଥିବା ବହୁ ଯୁବକ ଏବେ ସାତଭାୟାରେ ରହି ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କ ଘର ସେଠାରେ ରହିଛି ବୋଲି ବେହେରା କହିଛନ୍ତି । ଏ ସମ୍ପର୍କରେ ବରାହୀପୁରରେ ରହୁଥିବା କୌଶଲ୍ୟା ବେହେରା କୁହନ୍ତି, ନୂତନ ଥଇଥାନସ୍ଥଳୀରେ ପରିବାରର ଜଣଙ୍କ ନାମରେ ଘର ଆସିଛି । ତେବେ ସର୍ଭେ ପରେ ଗ୍ରାମର କେତେଜଣ ବ୍ୟକ୍ତି ପରିବାରଠାରୁ ଭିନ୍ନ ହୋଇଯାଇଥିଲେ। ଏବେ ସେମାନଙ୍କ ପରିବାର ବଢିଯାଇଥିବା ବେଳେ ଏପର୍ଯ୍ୟନ୍ତ ଥଇଥାନ ସ୍ଥଳୀରେ ସେମାନଙ୍କୁ ଘର ମିଳିପାରିନାହିଁ।

ଏସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ୨୦୧୧ ଜନଗଣନାକୁ ଆଧାର କରି ବଗପାଟିଆରେ ଜମି ପ୍ରଦାନ କରାଯାଇଛି । ଇତିମଧ୍ୟରେ ୭ ବର୍ଷ ବିତିଛି । ଏବେ ପରିବାର ବଢ଼ି ଯାଇଛି। ଏନେଇ ପ୍ରଶାସନ ନିକଟରେ କେତେକ ଆବେଦନପତ୍ର ପହଞ୍ଚିବା ପରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ଶେଷ ପରେ ବାଦ୍ ପଡିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ମିଳିବ।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ମାର୍ଶାଘାଇ, ୨୪।୧୨ (ଡି.ଏନ.ଏ.)**

ମାର୍ଶାଘାଇ ମହିଳା କନିଷ୍ଠ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲା ବାଳିକା ଆତ୍ମସୁରକ୍ଷା ସଂଯୋଜକ ତଥା ଆଖୁଆ ଚିତ୍ରୋତ୍ପଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବଳରାମ ଲେଙ୍କା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ପୁଷ୍ପାଞ୍ଜଳି ନାୟକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏ ନେଇ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡା. ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନେ ନିଜ ସୁରକ୍ଷା ନିଜେ କରିବା ପାଇଁ ଛାତ୍ର ଜୀବନରୁ ପ୍ରଶିକ୍ଷଣ ନେବାକୁ କହିଥିଲେ। ୧୨ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦିଆଯିବ ବୋଲି ଆତ୍ମରକ୍ଷା ସଂଯୋଜକ ଅଧ୍ୟାପକ ଦୀପକ କୁମାର ସ୍ୱାଇଁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା ସରୋଜିନୀ କର, ଦୀପ୍ତିରେଖା ଷଡ଼ଙ୍ଗୀଙ୍କ ସମେତ ସମସ୍ତ କର୍ମଚାରୀ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ୧୯ ତମ ଟାଏକୋଣ୍ଡୋ କଲର ବେଲ୍ଟ ପରୀକ୍ଷା



ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଡେରାବିଶ, ୨୪।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଠାକୁରହାଟସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ୧୯ତମ ଟାଏକୋଣ୍ଡୋ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଂଘ ଅଧୀନ ୯ଟି ଟ୍ରେନିଂ ସେଣ୍ଟରର ୧୦୦ରୁ ଊର୍ଦ୍ଧ୍ୱ ବାଳିକାବାଳକ ଯୋଗ ଦେଇଥିଲେ। ଟାଏକୋଣ୍ଡୋ ଖେଳର ଏଲୋ ବେଲ୍ଟ, ଗ୍ରୀନ୍ ବେଲ୍ଟ, ବ୍ଲୁ ବେଲ୍ଟ ପାଇଁ ପିଲାମାନଙ୍କ ପରୀକ୍ଷା ହୋଇଥିଲା। ରାଜ୍ୟ ଟାଏକୋଣ୍ଡୋ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ବ୍ଲାକ ବେଲ୍ଟ ପରୀକ୍ଷା କରାଇଥିଲେ। ଜିଲା ସଂଘ ସମ୍ପାଦକ ଦୈତାରୀ ବେହେରା, ସଭାପତି ଭବାନୀ ପ୍ରସାଦ ଓଝା, ସଦସ୍ୟ ଆସିଫ ଅଲ୍ଲୀ, ଶ୍ରୀୟା ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାମନ୍ଦିରରେ ଜେଜେମା' ଜେଜେ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୨୪।୧୨**

କେନ୍ଦ୍ରାପଡା ସହରର ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ଜେଜେମା, ଜେଜେ, ଆଈ, ଅଜାଙ୍କ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାବିତ ରାଧାକୃଷ୍ଣ ଦାଶ, ସତ୍ୟନାରାୟଣ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁଙ୍କୁ ଦେଶର ଉତ୍ତମ ନାଗରିକ ଭାବେ ଗଠନ କରିବା ପଛରେ ଗୁରୁଜନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଚାର୍ଯ୍ୟ ମାଧବ ଚନ୍ଦ୍ର ନନ୍ଦଙ୍କ ସମେତ ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ।

## ମିଳିତ ଜନଶୁଣାଣି ଶିବିର, ୨୩୭ ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୨୪।୧୨ (ସ୍ୱ.ପ୍ର.)**



ମିଳିତ ଜନଶୁଣାଣି ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ପଟ୍ଟାମୁଣ୍ଡାଇ ବ୍ଲକ ସଭାଗୃହରେ କେନ୍ଦ୍ରାପଡା ଜିଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଏସପି. ନୀତିଶେଖର, ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ, ତହସିଲଦାର ସରୋଜ କୁମାର ସ୍ୱାଇଁ, ଦିଲୀପ୍ କୁମାର ପରିଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ୨୩୭ ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ୮ସାମୂହିକ ଅଭିଯୋଗ ହୋଇଥିଲା । ସେଥିରେ ଓଉପଦା ଓ ଖଣତା ପଞ୍ଚାୟତର ପାଟନାଳି ସଙ୍କୁଚିତ ହେଉଥିବା ନେଇ ଅଭିଯୋଗ ହୋଇଥିଲା । ସେହିପରି ଗଙ୍ଗାରାମପୁର ଓ ସାନଜରିଆ ପଞ୍ଚାୟତରେ ଉଦ୍ୟାନ କୃଷି କର୍ମଚାରୀଙ୍କ ଅନୁପସ୍ଥିତି ନେଇ ସମସ୍ୟା ହେଉଥିବା ଅଭିଯୋଗ ହୋଇଥିଲା । ସେହିପରି ପଟ୍ଟାମୁଣ୍ଡାଇ ପୋଲିସ୍‌ର ଆକ୍ରୋଶମୂଳକ ମନୋଭାବ ବିରୋଧରେ ତଦନ୍ତ ପାଇଁ ସୁଲେଖା ପ୍ରଧାନ ଓ ସ୍ୱାମୀ ଧନେଶ୍ୱର ପ୍ରଧାନ ଏସପିଙ୍କ ନିକଟରେ ଦାବି କରିଥିଲେ। ଅନ୍ୟ ଅଭିଯୋଗଗୁଡିକ ମଧ୍ୟରେ ରାଶନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ଅଭିଯୋଗ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା.ନିରାକାର ପରିଡା, ହିମାଂଶୁ ଭୂଷଣ ଓଝା, କାଳନ୍ଦୀ ଚରଣ ଭୋଇ, ଚିନ୍ମୟୀ ରଥ, ଦିଲୀପ୍ ଦେହୁରୀ,ବୈଷ୍ଣବ ଚରଣ ସାହୁ ଓ ଥାନା ଅଧିକାରୀ ପ୍ରମୋଦ କୁମାର ମଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟିତ

**ପାଟକୁରା, ୨୪।୧୨ (ଡି.ଏନ୍.ଏ.)**



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଗରଦପୁର ବ୍ଲକ ଅଧୀନ ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଶିଶୁ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟଅତିଥି ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏଥିସହ ଇଂ. କାହ୍ନୁଚରଣ ବେଉରା ମୁଖ୍ୟବକ୍ତା, ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା କୁମାରୀ ବେହେରା, ଓଷ୍ଟା ଜିଲା ସଭାପତି କ୍ଷୀରୋଦ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଚେୟାରମ୍ୟାନ୍ ସ୍ୱର୍ଣ୍ଣପ୍ରଭା ସେଠୀ, ପ୍ରାକ୍ତନ ଓଷ୍ଟା ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ପିଲାମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଠପଢ଼ା ଛଡ଼ା ପିଲାମାନଙ୍କ ଅନ୍ୟ ପ୍ରତିଭା ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ପୁରସ୍କୃତ କରି ଉତ୍ସାହ ବଢ଼ାଇବା ପାଇଁ ଓଷ୍ଟା ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ନବକିଶୋର ସୂତାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଜିଲାସ୍ତରୀୟ ଶିଶୁ ଉତ୍ସବରେ ବିଭିନ୍ନ ସ୍କୁଲର ୨୭୦ ପିଲା ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଓଷ୍ଟା ଜିଲା ସମ୍ପାଦକ ତପନ କୁମାର ସିଂ, ମଳୟ କୁମାର ପାଣି, ମନୋରଞ୍ଜନ ପଣ୍ଡା, ଭଗବାନ ସାହୁ, ରାଜକିଶୋର ନାୟକ, ପ୍ରତାପ ପତି, ଅଜୟ ନାୟକ, ଅଶୋକ ପରିଡ଼ା, ଅଲେଖ ମହାନ୍ତି, ରୀନାବାଳା ମହାନ୍ତି, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଉପକୂଳରେ ଶୀତର ଲହରି

**ଆଳି, ୨୪।୧୨ (ଡି.ଏନ.ଏ.)**

ସାରା ରାଜ୍ୟରେ ଏବେ ହାଡଭଙ୍ଗା ଶୀତର ଲହରୀ ଅନୁଭୂତ ହେଉଥିବା ବେଳେ ଉପକୂଳବାସୀ ଶୀତରେ ଥରୁଛନ୍ତି। ଗତ କିଛିଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଗଲାଣି। ଏପରି କି କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳକୁ ମଧ ଚାଲିଆସିଛି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳବାସୀଙ୍କ ଉପରେ ମଧ ପ୍ରବଳ ଶୀତ ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଦିନସାରା ଲୋକମାନେ ଶୀତ ବସ୍ତ୍ର ପିନ୍ଧୁଥିବା ବେଳେ ସନ୍ଧ୍ୟା ହେଲେ କେହି ଘରୁ ବାହାରୁ ନାହାନ୍ତି। ସନ୍ଧ୍ୟାବେଳୁ ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳରେ ଖାଁ ଖାଁ ଲାଗୁଥିବା ବେଳେ ରାସ୍ତା ଘାଟ ସୁନ୍ ସାନ ହୋଇପଡୁଛି। ଅନେକ ସ୍ଥାନରେ ଲୋକମାନେ ସନ୍ଧ୍ୟା ବେଳେ ନିଆଁ ଜାଳି ଉଷୁମ ନେଉଛନ୍ତି।

## ଭାଗ୍ୟବାଦୀ ନୁହେଁ, କର୍ମବାଦୀ ହେବାକୁ ପରାମର୍ଶ

**ଡେରାବିଶ, ୨୪।୧୨ (ସ୍ୱ.ପ୍ର.)**

ଡେରାବିଶବ୍ଲକଅଧୀନଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଦିନିଆ ରଜତ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଗୁରୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ରାଜ୍ୟ ସଂଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଭୁବନ ମୋହନ ଜେନା ଯୋଗଦେଇଥିଲେ। ରବିବାର ଉଦ୍‌ଘାଟନୀ ଅବସରରେ ଜଗତ୍‌ସିଂହପୁର ଜିଲା ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମର ମୁଖ୍ୟ ପୂଜକ ବାବା ବଳିଆ ଯୋଗଦେଇ ସାମ୍ପ୍ରଦାୟିକ ସଦ୍‌ଭାବନା ଉପରେ ଆଲୋକପାତ କରିଥିଲେ। ସେ ଛାତୀଛାତ୍ରମାନଙ୍କୁ ଭାଗ୍ୟବାଦୀ ନୁହେଁ, କର୍ମବାଦୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ବାବା ବଳିଆ ସମ୍ବର୍ଦ୍ଧିତ କରିଥିଲେ। ରଜତ ଜୟନ୍ତୀ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିବା ସହ ରଜତ ଜୟନ୍ତୀ ଫଳକକୁ ବାବା ବଳିଆ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସାହୁ ଜୟନ୍ତୀ ବିବରଣୀ ପାଠ କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ଲଲାଟ କିଶୋର ଭୂୟାଁ ଅତିଥି ପରିଚୟ ଦେଇଥିଲେ। ଶେଷରେ ପ୍ରସନ୍ନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ବେଆଇନ ବାଲି ଉଠାଣ ବନ୍ଦ କଲା ପ୍ରଶାସନ

**ପଟ୍ଟାମୁଣ୍ଡାଇ, ୨୪।୧୨ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ନଦୀକୂଳ ଅଳଭା ନିକଟରୁ ବେଆଇନ ଭାବେ ଚାଲିଥିବା ବାଲି ଉଠାଣ ସୋମବାର ଜିଲା ପ୍ରଶାସନ ବନ୍ଦ କରିଛି । ଦୁହୁରିଆ-ଚାନ୍ଦବାଲି ରାସ୍ତା ନିର୍ମାଣ ନିମନ୍ତେ ବ୍ରାହ୍ମଣୀ ନଦୀକୂଳରୁ ବାଲି ମାଟି ଉଠାଣ ପାଇଁ ଠିକା ନେଇଥିବା ଏନକେସି. କମ୍ପାନୀକୁ ୮ ସପ୍ତାହ ବା ୫୬ ଦିନ ସମୟ ଦିଆଯାଇଥିଲା । ନଦୀ କୂଳରୁ ନିର୍ମାଣ କାର୍ଯ୍ୟ ଲାଗି ୪୦ ହଜାର କ୍ୟୁବିକ୍ ମିଟର ବାଲି ମାଟି ଉଠାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିଲା। ଚଳିତ ମାସ ୨୨ରେ ବାଲି ଉଠାଣର ଅବଧି ଶେଷ ହୋଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଫଳରେ ଏହି କମ୍ପାନୀ ପୂର୍ବଭଳି ବାଲି ମାଟି ଉଠାଣ କରିଚାଲିଥିଲା । ଏ ନେଇ ଧରିତ୍ରୀରେ 'ଅବଧି ଶେଷ ପରେ ବି ଚାଲିଛି ବାଲି ଉଠାଣ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବାପରେ ସୋମବାର ଜିଲାପାଳ ଦାଶରଥି ଶତପଥୀ, ଏସପି. ନୀତିଶେଖର, ପଟ୍ଟାମୁଣ୍ଡାଇ ତହସିଲଦାର ସରୋଜ କୁମାର ସ୍ୱାଇଁ, ସଦର ଓ ଶାସନ ଆରଆଇ ପ୍ରମୁଖ ବ୍ରାହ୍ମଣୀ ନଦୀକୂଳ ବାଲି ମାଟି ଖନନ ସ୍ଥାନକୁ ଯାଇ ଅନୁଧ୍ୟାନ କରିଥିଲେ । ନଦୀକୂଳରୁ ଅନୁମତି ମିଳିଥିବା ୪୦ ହଜାର କ୍ୟୁବିକ୍ ମିଟର ବାଲିମାଟିଉଠାଣ ପରିବର୍ତ୍ତେ ଠିକା କମ୍ପାନୀ ୨ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁବିକ୍ ମିଟର ବାଲି ମାଟି ଉଠାଣ କରିଥିବା ଜଣାପଡିଛି। ଏହାପରେ ପ୍ରଶାସନ ପକ୍ଷରୁ ବାଲିମାଟି ଉଠାଣ ବନ୍ଦ କରିଦିଆଯାଇଛି। ସୂଚନାଯୋଗ୍ୟ, ନଦୀ କୂଳବର୍ତ୍ତୀ ଅଳଭା, କାକୁଡିପଲ୍ଲୀ ଓ ବଳଦେବ ନଗର ମୌଜାର ବିଭିନ୍ନ ସ୍ଥାନରୁ ପ୍ରାୟ ୮ ଫୁଟରୁ ୧୦ ଫୁଟ୍ ପର୍ଯ୍ୟନ୍ତ ଗଭୀର ମାଟି ଖନନ କରାଯାଇଛି । ଏନେଇ ଜନସାଧାରଣ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଶେଷରେ ବେଲତଳ ଗ୍ରାମର ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନ ଓ ତାଙ୍କର କେତେଜଣ ସାଥୀ ଏନ୍‌ଜିଟି(ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ)ର ଦ୍ୱାରସ୍ଥ ହୋଇଥିଲେ। ନଭେମ୍ବର ୬ରେ ଏନେଇ ମାମଲା ରୁଜୁ ହେବା ପରେ ବେଆଇନ ବାଲି ଉଠାଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ ଅବମାନନା କରି ଠିକା କମ୍ପାନୀ ପକ୍ଷରୁ ବାଲି ଉଠାଣ ଚାଲୁ ରହିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଚଳିତ ମାସ ୧୭ ରେ ହୋଇଥିବା ଏନ୍‌ଜିଟିର ଶୁଣାଣିରେ ବିଚାରପତି ଏନେଇ ପ୍ରଶାସନିକ ଅଧିକାରୀମାନଙ୍କୁ ଭର୍ତ୍ସନା କରିଥିଲେ । ଏଥିସହ ୨୦୧୯ ଜାନୁୟାରୀ ୨୮ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ଏ ସମ୍ପର୍କିତ ସମସ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ଜାଭିୟର୍ସଙ୍କୁ ହରାଇ ପୋଲିସ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ରାଜନଗର, ୨୪।୧୨ (ଡି.ଏନ୍.ଏ.)**

ରାଜନଗରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ ପଡିଆରେ ପୋଲିସ ଏକାଦଶ ଏବଂ ଜାଭିୟର୍ସ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଥିଲା। ଜାଭିୟର୍ସ ଏକାଦଶକୁ ୪୫ ରନରେ ହରାଇ ପୋଲିସ ଏକାଦଶ ବିଜୟୀ ହୋଇଛି। ଜାଭିୟର୍ସ ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପୋଲିସ ଟିମ୍ ୧୪.୨ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଯାଇଥିଲେ। ଜବାବରେ ଜାଭିୟର୍ସ ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୧୫୮ ରନ କରିବାକୁ ସକ୍ଷମ ହୋଇଥିଲା।। ଅମରେନ୍ଦ୍ର ସାମନ୍ତରାୟ, ସରୋଜ ନାୟକ ଖେଳ ପରିଚାଳନା କରିଥିଲେ। ପ୍ରବୀର କୁମାର ଦାସ, ପିଣ୍ଟୁ ସେନାପତ, ନିର୍ମଳ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୫/୨୦୧୮ Bhubaneswar, Tuesday, December 25/ 2018




# ଘେରିବନ୍ଧ ପ୍ରଶସ୍ତୀକରଣ କାର୍ଯ୍ୟ ଶିଳାନ୍ୟାସ

**ଡେରାବିଶ, ୨୪।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବେଣୀପୁରଠାରେ ବିରୂପା ନଦୀ ଘେରିବନ୍ଧ ପ୍ରକଳ୍ପ ପ୍ରଶସ୍ତୀକରଣ କାର୍ଯ୍ୟକୁ ସୋମବାର ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ୍ ଓ ଯାଜପୁର ଜିଲା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶିଳାନ୍ୟାସ କରିଛନ୍ତି। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପାଟକୁରା ବିଧାୟକ ଅଗ୍ରୱାଲ ମୁଖ୍ୟଅତିଥି ଓ ବଡ଼ଚଣା ବିଧାୟକ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ଏହି ବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ବେଣୀପୁର ଓ ବଡ଼ଚଣା ବ୍ଲକ ଦେକୁରି ଗ୍ରାମବାସୀ ବନ୍ୟା ଦାଉରୁ ରକ୍ଷା ପାଇବେ ବୋଲି ବିଧାୟକ ଅଗ୍ରୱାଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ବିପିନ ବିହାରୀ ଜେନା, ଜବା ମୁର୍ମୁ, ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଉପାସନା ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝା, ବେଣୀପୁର ସରପଞ୍ଚ କନକଲତା ସାହୁ, ଭରତପୁର ସରପଞ୍ଚ ସରସ୍ୱତୀ ବେହେରା, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ଗୋପାଳପୁର ସରପଞ୍ଚ ଶରତ ସାମଲ, ସମିତିସଭ୍ୟ ଅମୀୟ ବିଶ୍ୱାଳ, ଅଜୟ ସାହୁ, ଉଦୟନାଥ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ୍ୱର ବେହେରା ଉତ୍ସବରେ ଯୋଗଦେଇଥିଲେ।

# ଟ୍ରକ୍‌କୁ ପିଟିଲା କାର୍, ଜଣେ ମୃତ, ୪ ଗୁରୁତର

**ଧର୍ମଶାଳା, ୨୪।୧୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ନେଉଳପୁର ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ନରେଶ କୁମାର ଅତିବୁଦ୍ଧି(୩୧) । ଗୁରୁତରଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (୪୯୧/୧୮) ରୁଜୁ କରି ଦୁର୍ଘଟଣା ଗ୍ରସ୍ତ ଗାଡି ୨ଟିକୁ ଜବତ କରି ତଦନ୍ତ ଚଲାଇଛନ୍ତି। ନୟାଗଡ ଜିଲା ଓଡଗାଁ ଥାନା ପାହାଡଜୋଲା ଗ୍ରାମର ଦିଲୀପ କୁମାର ସାହୁ ପରିବାର ସହ ଏକ କାରରେ ବାଲେଶ୍ୱରର କ୍ଷୀରଚୋରା ଗୋପୀନାଥ ଦର୍ଶନ ପାଇଁ ଯାଉଥିଲେ। ଭୋର ସମୟରେ ( ଓଆର ୦୪ଏଚ୍ ୮୭୮୬) ଟ୍ରକ ହଠାତ୍ ବ୍ରେକ୍ ଦେବାରୁ ଡ୍ରାଇଭର ଭାରସାମ୍ୟ ହରାଇ କାରଟିକୁ ଟ୍ରକ୍ ପଛପଟେ ଧକ୍କା ଦେଇଥିଲେ। ଡ୍ରାଇଭର ସମେତ ୫ଜଣ ଗୁରୁତର ହୋଇଥିଲେ। ଖବର ପାଇ ଧର୍ମଶାଳା ପୋଲିସ ସେମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନରେଶଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

# ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୪।୧୨(ଡି.ଏନ.ଏ./ସ୍ୱ.ପ୍ର.)**

ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରିଠାରେ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟକୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବଜାଇ ରଖିବା ସହ ଦେଶ ବିଦେଶର ପର୍ଯ୍ୟଟକମାନେ ଲଳିତଗିରି ଆସି ଏଠାରୁ ଆବିଷ୍କୃତି ବୌଦ୍ଧ କୀର୍ତ୍ତିରାଜି ଦେଖିପାରିବେ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ପ୍ରଧାନ ଉପସ୍ଥିତ ରହି ଲଳିତଗିରିରେ ବୁଦ୍ଧଙ୍କ ଅସ୍ଥି ସ୍ଥାନ ପାଇବା ନେଇ ବହୁବାର ଦାବି କରିଆସୁଥିବା କହିଥିଲେ। ୧୯୮୫-୮୬ରେ ଲଳିତଗିରିର ଉତ୍‌ଖନନ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ମହାସ୍ତୁପ ମଧ୍ୟରୁ ଉଦ୍ଧାର କରିଥିବା ବୁଦ୍ଧଙ୍କ ଅସ୍ଥି ସଂଗ୍ରହାଳୟରେ ସ୍ଥାନ ପାଇଛି। ୩ ଫରୁଆ ଭିତରେ ବୁଦ୍ଧଙ୍କ ଅସ୍ଥି ରହିଥିବାରୁ ସଂଗ୍ରହାଳୟରେ ସିସିଟିଭି ଲଗାଯାଇଛି। ଫରୁଆ ରହିଥିବା ଗ୍ୟାଲେରି ଗୃହ ମଧ୍ୟରେ ଲେଜର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଆଞ୍ଚଳିକ ନିର୍ଦ୍ଦେଶିକା ନନ୍ଦିନୀ ସାହୁ ଭଟ୍ଟାଚାର୍ଯ୍ୟ, ଓଡ଼ିଶା ପ୍ରତ୍ନତତ୍ତ୍ୱ ବିଭାଗ ଭାରପ୍ରାପ୍ତ ଅଧୀକ୍ଷକ ଅରୁଣ କୁମାର ମଳିକ, ଉପଅଧୀକ୍ଷକ ସୁଶାନ୍ତ କୁମାର କର, ରାଜୀବ ଦ୍ୱିବେଦୀ, ପୂର୍ବତନ ଅଧୀକ୍ଷକ ଡ. ଅଶୋକ ପଟେଲ, ଡ. ଜୀବନ ପଟ୍ଟନାୟକ ପ୍ରମୁଖ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବୁଦ୍ଧାୟନ ସଂଗଠନ ସଭାପତି ଆଡଭୋକେଟ ପ୍ରଦୀପ୍ତ କୁମାର ଭୂୟାଁ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ରୁଦ୍ର ନାରାୟଣ ସିଂ ଓ ସ୍ଥାନୀୟ ଅଞ୍ଚଳବାସୀ ଅତିଥିଙ୍କୁ ସ୍ୱାଗତ କରିଥିଲେ।



ଲଳିତଗିରିସ୍ଥିତ ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ବାଇକ୍: ଦୁଇ ଗୁରୁତର

ନୂଆଗାଁ, ୨୪।୧୨ (ଡି.ଏନ.ଏ.)-ନୟାଗଡ ଜିଲା ନୂଆଗାଁ ବ୍ଲକ କଲେଜ ନିକଟରେ ସୋମବାର ବାଇକ୍ ଦୁର୍ଘଟଣାରେ ଦୁଇ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନୂଆଗାଁ ଉଠାଣିସାହି ଗ୍ରାମର ରାମଚନ୍ଦ୍ର ପ୍ରଧାନ ଓ ବଡପଣ୍ଡୁସର ଗ୍ରାମର ଗୋକୁଳ ନାୟକ । ବଡପଣ୍ଡୁସର ଗ୍ରାମର ସୁରେଶ ନାୟକ, ଗୋକୁଳ ନାୟକ ଓ ସରପଡା ଗ୍ରାମର ସହଦେବ ନାୟକ ପଲସର ବାଇକ୍ ଯୋଗେ ଦଶପଲା ଅଭିମୁଖେ ଯାଉଥିଲେ । ନୂଆଗାଁ କଲେଜ ଆଗରେ ରାମଚନ୍ଦ୍ର ସେମାନଙ୍କୁ ଅତିକ୍ରମ କରୁଥିବା ସମୟରେ ବାଇକ୍ ସହ ଧକ୍କା ଲାଗିଥିଲା । ଫଳରେ ୪ ଜଣ ବହୁ ଦୂରକୁ ଛିଟିକି ପଡିଥିଲେ । ତେବେ ବାଇକ୍ ଚାଳକ ରାମଚନ୍ଦ୍ର ଓ ଗୋକୁଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ନୂଆଗାଁ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ୯ନଂ ୱାର୍ଡରେ ୮ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ରଣପୁର, ୨୪।୧୨ (ସ୍ୱ.ପ୍ର.): ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୯ନଂ ୱାର୍ଡରେ ରବିବାର ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ଗୋଟିଏ ଦିନରେ ୨୩ ଲକ୍ଷ ଟଙ୍କାର ୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପୁରୀ ଏମପିଙ୍କ ପ୍ରତିନିଧି ଦେବାଶିଷ ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ସବିତା ଦାସ , ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ, ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ , ୯ନଂ ୱାର୍ଡର କାଉନସିଲର କମଳାକ୍ଷି ଦେବୀ ଦର୍ଶନୀ ପ୍ରମୁଖ ଯୋଗ ଦେଇ ଥିଲେ । ଏହି ୱାର୍ଡରେ ବହୁ ଦିନରୁ ଦାବି ହୋଇ ଆସୁଥିବା କଂକ୍ରିଟ ରାସ୍ତା, କମ୍ୟୁନିଟି ସେଣ୍ଟର, ଶ୍ମଶାନ, ମିନି କମ୍ୟୁନିଟି ସେଣ୍ଟର ପ୍ରଭୃତିର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

### ଭାପୁରରେ ବିଜେଡି କର୍ମୀ ସମ୍ମିଳନୀ

ଭାପୁର,୨୪।୧୨(ଡି.ଏନ୍.ଏ.)- ଭାପୁର ବ୍ଲକର ସମସ୍ତ ୩ଟି ଜିଲା ପରିଷଦ ଜୋନ୍‌ରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୨ ତାରିଖରେ କରବର ପଞ୍ଚାୟତଠାରେ ୧୮ନଂ. ଜୋନ୍ ଓ ୨୩ରେ ବାଇଗୁଣିଆଠାରେ ୨୦ନଂ. ଜୋନ ଓ ୨୪ରେ ଭାପୁର ବାଇପାସ୍ ମହୁଲିଆ ତାରିଣୀ ମନ୍ଦିରଠାରେ ୧୯ନଂ. ଜୋନ୍‌ର କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସୋମବାର ଯୁବନେତା ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ସଭାରେ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାପୁର ବଜାର କମିଟି ସଭାପତି ଗଙ୍ଗାଧର ବାରିକ, ଶିକ୍ଷାବିତ୍ ଗଣନାଥ ଦାଶ, ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ରଖିଥିଲେ। ବୈଠକରେ ଏକ ହଜାରରୁ ଉର୍ଦ୍ଧ୍ୱ ଦଳୀୟ ସମର୍ଥକ ଯୋଗଦେଇଥିଲେ।

### ବାର୍ଡଫ୍ଲୁ: ମରାଗଲାଣି ୨୦ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା

କୃଷ୍ଣପ୍ରସାଦ,୨୪।୧୨(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ ଫ୍ଲୁ ଚିହ୍ନଟ ପରେ କୁକୁଡ଼ାମରା ଅଭିଯାନ ଜାରି ରହିଛି । ସୋମବାର ସୁଦ୍ଧା ୨୦ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା ମରାଯିବା ସହ ପ୍ରଶାସନ ତରଫରୁ ବିଶୋଧନ କରିବା , ନୂଆ ସ୍ଥାନ ଚିହ୍ନଟ କରିବା ଆଦି କାର୍ଯ୍ୟରେ ୧୦ଟିମ୍ ନିୟୋଜିତ ହୋଇଛନ୍ତି । ଏବେ ୬ ନୂଆ ଟିମ୍ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ରୋଗ ଦିନକୁ ଦିନ ଅଞ୍ଚଳରେ ବୃଦ୍ଧି ପାଉବାରେ ଲାଗିଛି। ତେଣୁ ଚିନ୍ତାରେ ପଡିଯାଇଛନ୍ତି ଫାଷ୍ଟଫୁଡ୍ ବ୍ୟବସାୟୀ ଓ ସାଧାରଣ ଜନତା। ସୂଚନାରୁ ପ୍ରକାଶ ଯେ ପଥରଗଞ୍ଜ, ମାଲୁଦ, ନଳିତାକୁଦି ଓ ସାନସାହିରେ ଅବସ୍ଥାରେ ସୁଧାର ଆସୁଥିବାବେଳେ ନବା, ନଟାବଣିଆ, ନୂଆଗାଁ, ନନ୍ଦଳା ଆଦି ଗାଁରେ ଶହଶହ କୁକୁଡ଼ା ମରିପଡୁଛନ୍ତି। ତେବେ ବଡଦଣ୍ଡା, ବଡଅଁଳ, କୃଷ୍ଣପ୍ରସାଦ ଓ ଚାରିଛକର ବ୍ୟବସାୟୀ କୁକୁଡା ମାଂସ, ଅଣ୍ଡାରେ ପ୍ରସ୍ତୁତ ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏଥିଯୋଗୁ ସ୍ୱାସ୍ଥ୍ୟ ସଙ୍କଟଜନକ ଅବସ୍ଥା ସୃଷ୍ଟି ହୋଇପାରେ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି। ବାର୍ଡ଼ଫ୍ଲୁ ଚିହ୍ନଟ ଆଖପାଖ ଅଞ୍ଚଳସ୍ଥ ଅନେକ ଫାର୍ମରୁ କୁକୁଡ଼ା ମରା ନ ଯିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କେରଳରେ ଶ୍ରମିକଙ୍କୁ ହତ୍ୟା

- ସାମାନ୍ୟ ପିଆଜ କଟାକୁ ନେଇ ହୋଇଥିଲା ଗଣ୍ଡଗୋଳ
- ଟଙ୍କା ନ ଥିବାରୁ ଆସିପାରିଲାନି ମୃତଦେହ

ନୟାଗଡ଼ ଅଫିସ,୨୪।୧୨

କାମ କରିବାକୁ କେରଳ ଯାଇଥିବା ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ନୟାଗଡ଼ ସଦର ଥାନା ଖଣ୍ଡୁଗାଁ ଗ୍ରାମର ବିପିନ ମହାପାତ୍ର (୪୦)। ବିପିନଙ୍କ ବଡଭାଇ ପ୍ରକାଶ ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, କାମଧନ୍ଦା ନ ମିଳିବାରୁ ବିପିନ ଦାଦନ ଖଟିବାକୁ କେରଳ ଯାଇଥିଲେ। କିଛିମାସ ସେଠାରେ ରହି ଯିବାଆସିବା କରୁଥିଲେ। ଘରକୁ ଆସି ୬ମାସ ତଳେ ସେ ପୁନର୍ବାର କେରଳ ଯାଇଥିଲେ। ସେଠାରେ ବିପିନ ମୂଲିଆ ଭାବେ ଏକ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀରେ ବାଲି ସିମେଣ୍ଟ କାର୍ଯ୍ୟ କରୁଥିଲେ। ତାଙ୍କ ଗ୍ରାମର ବାଲିଆ ନାୟକ ଓ ଅନ୍ୟ କିଛି ବ୍ୟକ୍ତି ସେଠାରେ ମେସ୍ କରି ରୁହନ୍ତି। ରବିବାର ମେସ୍‌ରେ ରହୁଥିବା ବ୍ୟକ୍ତିମାନେ ଚିକେନ୍ ତରକାରି ପାଇଁ ପ୍ରସ୍ତୁତି କରୁଥିଲେ। ବାଲିଆଙ୍କୁ ପିଆଜ କାଟିବାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେ ବଡ଼ ବଡ଼ କରୁଥିବାରୁ ବିପିନ ଏହାକୁ ଛୋଟ କରି କାଟିବାକୁ କହିଥିଲେ। ଏଥିରେ ବାଲିଆ



ମୃତ ବିପିନଙ୍କ ପରିବାର।

ଉତ୍କ୍ଷିପ୍ତ ହୋଇ ପିଆଜ କାଟୁଥିବା ଛୁରିରେ ବିପିନଙ୍କୁ ଆକ୍ରମଣ କରିଥିଲେ। ବିପିନ ଗୁରୁତର ହେବା ଜାଣିବା ପରେ ବାଲିଆ ଫେରାର ହୋଇଯାଇଥିଲେ। ମେସ୍‌ରେ ଥିବା ଅନ୍ୟ ବ୍ୟକ୍ତିମାନେ ବିପିନଙ୍କୁ ନିକଟସ୍ଥ ମେଡ଼ିକାଲ୍‌କୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଏ ନେଇ ନୟାଗଡ଼ ସଦର ପୋଲିସକୁ ଖବର ଦେଇଥିଲା। ଘଟଣା ପରେ ବିପିନଙ୍କ ପରିବାର ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରିବାର ଲୋକଙ୍କ କହିବା କଥା ବିପିନଙ୍କ କାହା ସହିତ ଶତ୍ରୁତା ନ ଥିଲା। କେରଳରୁ ମୃତଦେହ ଆଣିବା ପାଇଁ ୬୦ ହଜାର ଟଙ୍କା ଆବଶ୍ୟକ ପଡ଼ିଥିଲା। ହେଲେ ଟଙ୍କା ନ ଥିବାରୁ ଗ୍ରାମକୁ ମୃତଦେହ ଆସିପାରିଲା ନାହିଁ। ମେସ୍‌ରେ ରହୁଥିବା ବ୍ୟକ୍ତିମାନେ ବିପିନଙ୍କ ଶବଦାହ କରିଥିବା ଜଣାପଡ଼ିଛି। ବିପିନ ଚାଲିଯିବା ପରେ ତାଙ୍କ ପୁଅ ଝିଅ କେମିତି ଚଳିବେ ତାହାକୁ ନେଇ ଏବେ ଚିନ୍ତାରେ ଅଛନ୍ତି ଜେଜେମା ଚଞ୍ଚଳା। ୮ବର୍ଷ ପୂର୍ବେ ବିପିନଙ୍କ ପ୍ରଥମ ସ୍ତ୍ରୀ ବାସନ୍ତୀ ମହାପାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ବିପିନ ଆଉ ଜଣଙ୍କୁ ବିବାହ କରିଥିଲେ। ବିପିନଙ୍କ ବଡ଼ପୁଅ ବିଜୟ ଯୁକ୍ତ ୩ ପ୍ରଥମବର୍ଷ ପରେ ଓ ଝିଅ ବିଜୟଲକ୍ଷ୍ମୀ ଦଶମ ପରେ ଟଙ୍କା ଅଭାବରୁ ପଢ଼ିଲେ ନାହିଁ। ପ୍ରଥମେ ମାଆ ଓ ଏବେ ବାପା ଚାଲିଯିବା ପରେ ବର୍ତ୍ତମାନ ଏହି ଦୁଇ ପୁଅଝିଅ କିପରି ଚଳିବେ ତାହାକୁ ନେଇ ଚିନ୍ତା। ଭଲ ଘର ଖଣ୍ଡେ ନ ଥିବାରୁ ଏକ କୁଡ଼ିଆରେ ଏମାନେ ଜୀବନ ଅତିବାହିତ କରୁଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ଜିଲା ପ୍ରଶାସନ ଏମାନଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ବୋମା ଫୁଟାଇ ଅଳଙ୍କାର ଲୁଟ୍ ଘଟଣା
# ଥାନାରେ ମାମଲା, ତଦନ୍ତ ଜାରି

ରଣପୁର,୨୪।୧୨ (ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ଠାରୁ କିଛି ଦୂରରେ ରବିବାର ରାତ୍ରରେ ଦୁର୍ବୃତ୍ତମାନେ ବୋମା ଫୁଟାଇବା ସହିତ ବନ୍ଧୁକ ଦେଖାଇ ଜଣେ ସୁନା ଦୋକାନୀଙ୍କଠାରୁ ୪୦ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାରୁପା ଅଳଙ୍କାର ଲୁଟି ନେଇଥିଲେ । ଏ ନେଇ ସୋମବାର ସମ୍ପୃକ୍ତ ଦୋକାନୀ ରିତ କୁମାର ସାହୁ ରଣପୁର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ନଂ.୨୫୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ପାରି ନାହିଁ । ଅପରପକ୍ଷେ ଡକାୟତିର ଶୀକାର ହୋଇଥିବା ସୁନା ଦୋକାନୀଙ୍କ କଥାରେ ତାଳ ମେଳ ରହୁନଥିବା ପୋଲିସ ପ୍ରକାଶ କରିଛି । ସୋମବାର ଶରଣକୂଳ ଏସଡିପିଓ ନାରାୟଣ ବାରିକ, ଶରଣକୁଳ ଥାନା ଅଧିକାରୀ ମନୋଜ ଶତପଥୀ, ରଣପୁର ଥାନା ଅଧିକାରୀ ବୈଦନାଥ ଭୋଇ ଡକାୟତି ହୋଇଥିବା ସ୍ଥାନକୁ ଯାଇ ତଦନ୍ତ ଜାରି ରଖିଛନ୍ତି । ଅଭିଯୁକ୍ତ ମାନଙ୍କୁ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି । ସୂଚନାଯୋଗ୍ୟ, ରଣପୁର ସୁଆଁଶିଆସାହିର ଦୈତାରୀ ସାହୁଙ୍କ ପୁଅ ରିତ (ବାବୁ)ଙ୍କ ବଜାରରେ ମା ଜୁଏଲାରୀ ସୁନାଅଳଙ୍କାର ଦୋକାନ ରହିଛି । ରବିବାର ରାତ୍ରରେ ଦୋକାନ ବନ୍ଦକରି ସମସ୍ତ ଅଳଙ୍କାର ବ୍ୟାଗରେ ରଖି ନିଜ ବାଇକ ଯୋଗେ ଘରକୁ ଫେରୁଥିଲେ । ଜଗନ୍ନାଥ ମନ୍ଦିର ଆଗରେ ଥିବା ସାମୁକାସାହି ଗଳିରେ ହଠାତ ପଲସର ଓ ଆପାଚି ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ପହଞ୍ଚି ବାବୁଙ୍କ ବାଇକ ଆଗକୁ ୨ଟି ସୁତୁଲି ବୋମା ଫୋପାଡି ଥିଲେ । ଏଥିରେ ସୁନା ଦୋକାନୀ ବାବୁ ଭୟଭିତ ହୋଇ ରହିଯାଇଥିଲା ବେଳେ ହଠାତ ୨ଜଣ ଯୁବକ ବାଇକ୍‌ରୁ ଓହ୍ଲାଇ ଆସି ବାବୁଙ୍କୁ ବନ୍ଧୁକ ଦେଖାଇ ମାଡ ମାରି ସେ ରଖିଥିବା ଅଳଙ୍କାର ବ୍ୟାଗକୁ ଛଡାଇ ନେଇ ଜଗନ୍ନାଥ ସଡକ ଜଙ୍କିଆ ଅଭିମୁଖେ ପଳାଇ ଯାଇଥିଲେ ।

# ନକଲି ବିଦେଶୀ ମଦ କାରଖାନାରେ ଚଢ଼ାଉ

ରଣପୁର,୨୪।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଜଙ୍କିଆ ରାସ୍ତାର ନରସିଂହପୁରସ୍ଥିତ ମନ୍ଦାକିନୀ ନଦୀ ନିକଟରେ ବେଆଇନ ଭାବେ ଚାଲୁଥିବା ଏକ ନକଲି ବିଦେଶୀ ମଦ କାରଖାନାରେ ସୋମବାର ରଣପୁର ଅବକାରୀ ବିଭାଗ ଚଢ଼ାଉ କରିଛି । ଅବକାରୀ ଅଧିକାରୀ କୁମର ଚନ୍ଦ୍ର ପଟ୍ଟନାୟକ ସଦଳବଳ ଉକ୍ତ ମଦ କାରଖାନା ଉପରେ ଚଢାଉ କରିଥିଲେ । ତେବେ କାରଖାନା ଚଲାଉଥିବା ମଦ ବ୍ୟବସାୟୀ ସେଠାରୁ ଫେରାର ହୋଇ ଯାଇଛନ୍ତି। ସେ ହେଲେ ରଣପୁର ଥାନା ପିମ୍ପଲ ଗ୍ରାମର ପ୍ରତାପ ନାୟକ। ତାଙ୍କ ନାମରେ ଅବକାରୀ ବିଭାଗରେ ନଂ. ୫୩/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ପୂର୍ବରୁ ସେ ୨ଥର ନକଲି ମଦ କାରଖାନା ଜବତ ଘଟଣାରେ ଗିରଫ ହୋଇଥିଲେ । ପୁଣି ସେ ଜାମିନରେ ଆସି ନକଲି ମଦ କାରଖାନା କରିଥିବା ଅବକାରୀ ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ରଣପୁର ମନ୍ଦାକିନୀ ନଦୀ କୂଳରେ ବେଆଇନ ଭାବେ ବିଦେଶୀ ମଦ କାରଖାନା ଚାଲୁଥିବା ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ର ବିଶେଷ ସୂତ୍ରରୁ ଜାଣିବାକୁ ପାଇ ଚଢାଉ କରିବାକୁ



ଜବତ ମଦ ତିଆରି ସାମଗ୍ରୀ।

ନୟାଗଡ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନାଙ୍କୁ ଚଢାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ମଧ୍ୟାହ୍ନ ୧୨ ଟାରେ ରଣପୁର ଅବକାରୀ ବିଭାଗ ତରଫରୁ ସେଠାରେ ଚଢାଉ କରାଯାଇଥିଲା । ଚଢାଉ ସମୟରେ ସେଠାରୁ ୨ଟି ଜାରକିନରେ ରଖା ଯାଇଥିବା ୫୦ରୁ ଉର୍ଦ୍ଧ୍ୱ ଲିଟର ସ୍ପିରିଟ, ଏକ ବଟଲିଙ୍ଗ ମେଶିନ୍, ନାମୀଦାମୀ ମଦ କମ୍ପାନୀର ଷ୍ଟିକର, ଅବକାରୀ ବିଭାଗ ବ୍ୟବହାର କରୁଥିବା ଇପିଏଲ ଷ୍ଟିକର ସମେତ ୩ହଜାରରୁ ଉର୍ଦ୍ଧ୍ୱ ଖାଲି ମଦ ବୋତଲ, ୫୦ରୁ ଉର୍ଦ୍ଧ୍ୱ ନକଲି ମଦ ବୋତଲ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇ ରଣପୁର ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ବେଆଇନ ଭାବେ ନକଲି ବିଦେଶୀ ମଦ କାରଖାନା ଚଳାଉ ଥିବା ପିମ୍ପଲ ଗ୍ରାମର ପ୍ରତପା ନାୟକଙ୍କ ନାମରେ ମାମଲା ରୁଜୁ କରାଯାଇଛି ।

## ବସ୍ ବାଇକ୍ ଧକ୍କା: ଜଣେ ମୃତ

କୃଷ୍ଣପ୍ରସାଦ,୨୪।୧୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗିଲିନାସୀ ଛକଠାରେ ରବିବାର ରାତିରେ ବସ୍ ଓ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି କୁମ୍ଭଲି ଗ୍ରାମର ପଦ୍ମଚରଣ ମୁଦୁଲି। ବାଲୁଗାଁଠାରୁ ଜହ୍ନିକୁଦା ଯାତାୟାତ କରୁଥିବା ଓଆର୍ ୦୨ଏଏସ୍ ୩୦୪୨ ନମ୍ବରଯୁକ୍ତ ଅଞ୍ଜଳି ନାମକ ବସ୍‌ଟି ବାଇକ୍‌ଟିକୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ମାଲୁଦରୁ କାମସାରି ନିଜ ଗାଁକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟାଇ ଫେରାର୍ ଉଦ୍ୟମ କରୁଥିବା ବସ୍‌କୁ କାବୁକରି ଲୋକେ ମାଲୁଦ ଫାଣ୍ଡି ଜିମା ଦେଇଥିଲେ। କ୍ଷତିପୂରଣ ଦାବିରେ ଉତ୍ତେଜିତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସୋମବାର ପୂର୍ବାହ୍ନ ୧୧ରେ ଘଟଣାସ୍ଥଳରେ କୃଷ୍ଣପ୍ରସାଦ ତହସିଲଦାର ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। କୃଷ୍ଣପ୍ରସାଦ ଥାନାରେ ଏନେଇ ଏକ କେସ୍ ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ ବସ୍‌ରେ ଇନ୍‌ସ୍ୟୁରାନ୍ସ ଓ ପରମିଟ୍ ନ ଥିବା ସୂଚନା ମିଳିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ନୟାଗଡ଼ ଅଫିସ,୨୪।୧୨

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁର୍ବିଂଶତମ ବାର୍ଷିକୋତ୍ସବ ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ତତ୍ପର ହେବା ଆବଶ୍ୟକ ବୋଲି କହିଥିଲେ। ସୁଦର୍ଶନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଐତିହ୍ୟ, ବୀରମାନଙ୍କ ଆତ୍ମତ୍ୟାଗ ଓ ବଳିଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସେମାନଙ୍କର ପଦାଙ୍କ ଅନୁସରଣ କରି ଆଦର୍ଶ ଭାରତ ଗଠନରେ ସହାୟକ ହେବା ଛାତ୍ରୀଛାତ୍ରଙ୍କ ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷକ ବିବରଣୀ ପାଠ କରିଥିବାବେଳେ ବିଦ୍ୟାଳୟ କମିଟି ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ବିଧାୟକ ସାହୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରୁପ ଡ୍ୟାନ୍ସ ଓ ଶ୍ରାବଣୀ ନାଥଙ୍କ ରଚିତ ନାଟକ ଝିଅ ପୋଛିଦେବ ଆଖିର ଲୁହ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। କମିଟି ଉପସଭାପତି ନମିତା କୁମାରୀ ନାୟକ ଧନ୍ୟବାଦ ଦେଇଥିଲେ।

# ଦଶପଲ୍ଲା ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ତୃତୀୟ ଦିନରେ



ଆନ୍ଦୋଳନରତ ବ୍ଲକ କର୍ମଚାରୀ।

ଦଶପଲ୍ଲା,୨୪।୧୨(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ବିଡିଓ ଓ ଭାଜପା ନେତାଙ୍କ ମଧ୍ୟରେ ଲାଗିଥିବା ବିବାଦ ନେଇ ବ୍ଲକ କର୍ମଚାରୀଙ୍କ ପକ୍ଷରୁ ଚାଲିଥିବା କଲମଛାଡ ଆନ୍ଦୋଳନ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ବିଡିଓ ଦେବୀପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ବ୍ଲକ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିରହୁଛନ୍ତି। ଭାଜପା ନେତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ବିଡିଓ ମହାନ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧାସୃଷ୍ଟି ହେଉଥିବା ଜଣାଯାଇଛି।

# ଖଣ୍ଡପଡ଼ା: ୬ନଂ ଜୋନ୍ ସ୍ତରୀୟ ବିଜେଡିର ସାଙ୍ଗଠନିକ ବୈଠକ

ଖଣ୍ଡପଡା,୨୪।୧୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମାଘମେଳା ପଡିଆଠରେ ୬ନଂ ଜୋନ୍‌ସ୍ତରୀୟ ବିଜେଡିର ସାଙ୍ଗଠନିକ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବ୍ଲକ ବିଜେଡି ଉପ ସଭାପତି ସର୍ବେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଗତ ଦିନରେ ବିଜେଡିର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରି



ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ପ୍ରତ୍ୟେକ ପଞ୍ଚାୟତରେ ବୁଥ୍‌ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ବିଶେଷଭାବେ ଗୁରୁତ୍ୱାରୋପ କରିଥିଲେ । ଏହାଛଡା କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିର ଓ କଂସା ବାସନ ଶିଳ୍ପର ଉନ୍ନତି ପାଇଁ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ଆଗାମୀ ନିର୍ବାଚନରେ ନିର୍ବାଚିତ କରିବା ଲାଗି ବକ୍ତାମାନେ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି ସମାବେଶରେ ବାଣପୁର ସରପଞ୍ଚ ପ୍ରଦୀପ କୁମାର କର, ଅଖିଳ କୁମାର ମହାରଣା, ଦଣ୍ଡପାଣି ସାହୁ, ସମିତି ସଭ୍ୟ ସଦାନନ୍ଦ ପ୍ରଧାନ, ଉତ୍କଳମହାରଣା ଯୋଗଦେଇଥିଲେ। କଣ୍ଟିଲୋ ବିଜେଡି ଯୋନ ସଭାପତି ମାଧବଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

## ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ
# ଓଡ଼ିଶା ହାତ ତିଆରି ବସ୍ତ୍ରର ଚାହିଦା ରହିଛି

ପୁରୀ ଅଫିସ,୨୪।୧୨

ନୀଳାଚଳ ଅର୍ବାନ ହାଟ ପରିସରରେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ(ବୟନିକା) ଦ୍ୱାରା ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ସୋମବାର ଉଦ୍‌ଘାଟିତ ହୋଇଛି। ଆସନ୍ତା ଜାନୁୟାରୀ ୧୩ରେ ଏହି ମେଳା ଉଦ୍‌ଯାପିତ ହେବ। ଏହି ମେଳାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଲେ, ଓଡ଼ିଶା ହାତ ତିଆରି ବସ୍ତ୍ରର ବିଶେଷ ଚାହିଦା ରହିଛି। ରାଜ୍ୟ ସରକାର ଏହି ଶିଳ୍ପର ବିକାଶ ଲାଗି ବିଶେଷ ଗୁରୁତ୍ୱ ଦେଉଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ବୟନିକା ସଭାପତି ଶେଷ କୁମାର ମେହେର, ବୟନିକା ପରିଚାଳନା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମେଳାରେ ଓଡ଼ିଶା ସମେତ କର୍ନାଟକ, ହରିୟାଣା, ଉତ୍ତରପ୍ରଦେଶ, ଜମ୍ମୁ କଶ୍ମୀର ପ୍ରଭୃତି ରାଜ୍ୟ ଯୋଗଦାନ କରିଛନ୍ତି।



ମନ୍ତ୍ରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ବନ ବିଭାଗ ଦ୍ୱାରା କୁଟୁରା ଉଦ୍ଧାର



ନିରାକାରପୁର,୨୪।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ନୂଆଗଡ଼ ପଞ୍ଚାୟତସ୍ଥ ମେହେରବ ଗ୍ରାମବାସୀ ସତାର ଖାଁଙ୍କ କୂଅରୁ ସୋମବାର ବନ କର୍ମଚାରୀ ଏକ କୁଟୁରା ଉଦ୍ଧାର କରିଛନ୍ତି। ଆହତ କୁଟୁରାଟିକୁ ଚିକିତ୍ସା ପରେ ସୁସ୍ଥ ହେବାରୁ ସନ୍ଧ୍ୟାରେ ବିଭାଗ ପକ୍ଷରୁ ସ୍ଥାନୀୟ ନାଲସିଂହ ଜଙ୍ଗଲରେ ଛାଡ଼ିଦିଆଯାଇଛି। ଏହାର ବୟସ ପ୍ରାୟ ୭ରୁ ୮ ବର୍ଷ ହେବ ବୋଲି ଫରେଷ୍ଟର୍ ଆଲୋକ ହୋତା ସୂଚନା ଦେଇଥିଲେ। ତେବେ କୁଟୁରାଟିକୁ ଦିନବେଳା ନ ଛାଡି ସନ୍ଧ୍ୟାରେ କାହିଁକି ଛଡ଼ାଗଲା ବୋଲି ଫରେଷ୍ଟରଙ୍କୁ ପଚାରିବାବେଳେ ଏହାର ସନ୍ତୋଷଜନକ ଉତ୍ତର ମିଳି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଜେଜେ ମା' ଜେଜେ ବାପା ସମାଜର ସମ୍ପଦ

ପୁରୀ ଅଫିସ,୨୪।୧୨

ସାମାଜିକ ସଂହତି, ପାରିବାରିକ ବୁଝାମଣା, ସହଯୋଗ ଓ ସହମତିର ବାତାବରଣ ସୃଷ୍ଟି କରିବାରେ ଜେଜେ ମା' ଜେଜେ ବାପାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ସମାଜର ସମ୍ପଦ। ପିଲାଟିଏ ଆମର ସଂସ୍କୃତି, ସଂସ୍କାର, ଐତିହ୍ୟ ଓ ସାହିତ୍ୟର ସୂଚନା ପ୍ରଥମେ ତାଙ୍କରିଠାରୁ ପାଇଥାଏ। ଗପ ଓ କାହାଣୀ ମାଧ୍ୟମରେ ଶୁଣି ଶୁଣି ପିଲାବେଳୁ ପ୍ରଭାବିତ ହେବା ସହିତ ଭଲ ମଣିଷଟିଏ ହେବାର ସ୍ୱପ୍ନ ଦେଖିଥାଏ। ନିଜ ଭିତରେ ଭଲ ମନ୍ଦ, ଦୁଃଖସୁଖର ଏକ ନିଆରା ଅନୁଭବ ସେ ଶିକ୍ଷା ପାଇଥାଏ। ତେଣୁ ଉତ୍ତର ପୁରୁଷଙ୍କ ପ୍ରତି ଜେଜେ ମା' ଓ ଜେଜେ ବାପାଙ୍କର କର୍ତ୍ତବ୍ୟବୋଧ ରହିଛି ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ଡାଫୋଡିଲ ନର୍ସରି ସ୍କୁଲ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସୋମବାର ଆୟୋଜିତ ଜେଜେ ମା' ଜେଜେ




ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ବାପା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମିଶ୍ର କହିଲେ, ଜେଜେ ମା' ଓ ଜେଜେ ବାପା ଯଦି ପିଲାଙ୍କୁ ସଂସ୍କାର ଦେବାରେ ସଫଳ ହୁଅନ୍ତି ତେବେ ଏକ ସୁସ୍ଥ ପାରିବାରିକ ପରିବେଶ ବଜାୟ ରହିବ। ସାମାଜିକ ଐତିହ୍ୟକୁ ଭୁଲିଯାଇ ଜେଜେ ମା' ଓ ଜେଜେ ବାପାଙ୍କୁ ହତାଦର କରିବା ଶୁଭ ଲକ୍ଷଣ ନୁହେଁ। ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମନୋରମା ଦାଶ ଯୋଗଦେଇ ଏହି ଦିବସ ପାଳନ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ସଭା ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଡିସେମ୍ବର, ୨୦୧୮



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଝରକା ଭାଙ୍ଗି ସ୍କୁଲରୁ ଚୋରି: ଲୁଟିନେଲେ ବାର୍ଷିକୋତ୍ସବ ପାଇଁ ଆଦାୟ ଟଙ୍କା



**ନୟାଗଡ଼ ଅଫିସ,୨୪।୧୨:** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଝରକା ଭାଙ୍ଗି କେହି ଦୁର୍ବୃତ୍ତ ପାଖାପାଖି ୩୦ ହଜାର ଟଙ୍କା ଓ ପୋଷାକ ଚୋରିକରି ନେଇଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ସହକାରୀ ପ୍ରଧାନ ଶିକ୍ଷକ କୁବେର ପରିଡ଼ା ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଜାନୁୟାରୀ ୮ ତାରିଖରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହେବାର ଥିଲା। ଏଥିପାଇଁ ବିଭିନ୍ନ ସ୍ଥାନରୁ ପାଖାପାଖି ୩୦ ହଜାର ଟଙ୍କା ଆଦାୟ କରାଯାଇ ବିଦ୍ୟାଳୟରେ ରଖାଯାଇଥିଲା। ଗତ ଶୁକ୍ରବାର ବିଦ୍ୟାଳୟ ଖୋଲାଯାଇ କ୍ଲାସ କରାଯାଇଥିଲା। ଶନିବାରଠାରୁ ବଡ଼ଦିନ ଛୁଟି ହୋଇଥିଲା। ସୋମବାର ପୂର୍ବାହ୍ନ ୧୧ଟା ସମୟରେ କେତେଜଣ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ବାର୍ଷିକ ଉତ୍ସବ ପାଇଁ ନାଚଗୀତ ଶିଖିବାକୁ ବିଦ୍ୟାଳୟକୁ ଆସିଥିଲେ। ଏହି ସମୟରେ ସେମାନେ ସ୍କୁଲ ପଛପଟେ ଥିବା ଝରକା ଭାଙ୍ଗିଥିବା ଦେଖିଥିଲେ। ପରେ ସେମାନେ ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ସହକାରୀ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ସମସ୍ତେ ସ୍କୁଲ ଯାଇ ଲୁହା ଆଲମିରା ଖୋଲା ଥିବାବେଳେ ସେଥିରେ ଥିବା ୩୦ ହଜାର ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ସେହିଭଳି ବିଦ୍ୟାଳୟରେ ବଣ୍ଟା ହେବାକୁ ଥିବା ୧୨ ପ୍ୟାଣ୍ଟ ଓ ୧୮ ଶାର୍ଟ ଚୋରିହୋଇଥିବା ଦେଖିଥିଲେ। ଅଭିଯୋଗ ପରେ ଏହାର ତଦନ୍ତ କରାଯାଉଥିବା ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।

### ଅବକାରୀ ଚଢାଉ: ପୋଚ ସହ ମଦରନ୍ଧା ସାମଗ୍ରୀ ଜବତ

**ଦଶପଲ୍ଲା,୨୪।୧୨ (ଡି.ଏନ୍.ଏ.):** ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ବିଭାଗୀୟ କର୍ମଚାରୀ ୧୬ଲିଟର ଦେଶୀମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛନ୍ତି। ଦଶପଲ୍ଲା ଅବକାରୀ ଅଧିକାରୀ ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଛି। ଭୋର ପ୍ରାୟ ୪ଟା ସମୟରେ ବଡକାମିଟି ଗ୍ରାମରେ ଚଢ଼ାଉ କରାଯାଇ ସୁରେଶନ ଜାନିଙ୍କଠାରୁ ୩ଲିଟର, ଭୀକାରି ଚରଣ ମଲ୍ଲିକଙ୍କଠାରୁ ୩ଲିଟର, ବିଦ୍ୟାଧର ମଲ୍ଲିକଙ୍କଠାରୁ ୩ଲିଟର, ସୁଦର୍ଶନ ଜାନିଙ୍କଠାରୁ ୩ଲିଟର ଓ ସବିତା ମଲ୍ଲିକଙ୍କଠାରୁ ୪ଲିଟର ଦେଶୀ ମଦ ଜବତ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ୫ଟି ଭିନ୍ନ ଭିନ୍ନ ମକଦ୍ଦମା ରୁଜୁ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏଥିସହିତ ବଡସାହି ଜଙ୍ଗଲ ନିକଟରୁ ୪୮୦କିଗ୍ରା ପୋଚ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ବହୁ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ସୁବାସ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ପରିଡା, ଲକ୍ଷ୍ମୀଧର ବେହେରା, କୃଷ୍ଣଚନ୍ଦ୍ର ପରିଡା ଓ ହରପ୍ରିୟା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

### ଅନ୍ତରୀକ୍ଷଙ୍କ ସ୍ମାର୍ଟ ସିଟି ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ



**ନୟାଗଡ଼ ଅଫିସ,୨୪।୧୨:** ନୟାଗଡ଼ ପାଇଁ ଗୌରବ ଆଣିଛନ୍ତି ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅନ୍ତରୀକ୍ଷ ରଥ। ତାଙ୍କ ଦ୍ୱାରା ପ୍ରସ୍ତୁତ ସ୍ମାର୍ଟ ସିଟି ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଛି। ଫଳରେ ଜାନୁୟାରୀ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳାରେ ପ୍ରଦର୍ଶିତ ହେବ ସ୍ମାର୍ଟସିଟି ପ୍ରକଳ୍ପ। ପ୍ରକାଶ ଯେ, ଚଳିତମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲା ସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏହି ପ୍ରକଳ୍ପ ନୟାଗଡ଼ ଜିଲାରୁ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା। ସେଠାରେ ବିଚାରକମାନଙ୍କ ଦ୍ୱାରା ଅନ୍ତରୀକ୍ଷଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହେବା ସହ ଜାତୀୟସ୍ତରକୁ ମନୋନୀତ ହୋଇଛି। ଏହି ସଫଳତା ପାଇଁ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ତାଙ୍କୁ ପ୍ରଶଂସା କରିଛନ୍ତି। ଅନ୍ତରୀକ୍ଷ ଏଥିଲାଗି ତାଙ୍କ ଗାଇଡ୍ ତଥା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

## ଜିଲା ମହୋତ୍ସବ ଉଦ୍‌ଘାଟିତ

# କଳା, ସଂସ୍କୃତି ସାହିତ୍ୟର ଜିଲା ନୟାଗଡ଼: ମନ୍ତ୍ରୀ

**ନୟାଗଡ଼ ଅଫିସ,୨୪।୧୨**



ମୁଖପତ୍ର ଆରଣ୍ୟକ ଉନ୍ମୋଚନ କରୁଛନ୍ତି ଅତିଥି।

କଳା, କଳାକାର ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୮ ସୋମବାର ସ୍ଥାନୀୟ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ସଂସ୍କୃତି ପରିଷଦ ଓ ଓର୍‌ମାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବକୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାଷଣ ପ୍ରସଙ୍ଗରେ ମନ୍ତ୍ରୀ କହିଥିଲେ, କଳା, ସାହିତ୍ୟ ଓ ସଂସ୍କୃତିର ଜିଲା ନୟାଗଡ଼। ପର୍ଯ୍ୟଟନ କ୍ଷେତ୍ରରେ ଜିଲା କୌଣସି ଗୁଣରେ କମ୍ ନୁହେଁ। କଣ୍ଟିଲୋ ନୀଳମାଧବ ପୀଠଠାରୁ ଆରମ୍ଭ କରି ରଣପୁରର ମଣିନାଗ ମନ୍ଦିର ଭଳି ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ପର୍ଯ୍ୟଟନର ଉନ୍ନତି ପାଇଁ ବିଭିନ୍ନ ସମୟରେ ପାଣ୍ଠି ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ନୟାଗଡ଼ର ବଳାଙ୍ଗିବନ୍ଧଠାରେ ହେବାକୁ ଥିବା ମ୍ୟୁଜିୟମ୍ ପାଇଁ ଅର୍ଥ ମଞ୍ଜୁର କରିବେ ବୋଲି ମନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୟାଗଡ଼କୁ ଶାନ୍ତିର ଜିଲା ବୋଲି କହିଥିଲେ। ମହୋତ୍ସବ ମଞ୍ଚ ଜିଲା ଓ ରାଜ୍ୟ ବାହାରର କଳାକାରଙ୍କୁ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଉଥିବା ସେ ପ୍ରକାଶ କରିଥିଲେ। ଜିଲାପାଳ ଡ. ଏନ୍ ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସହରରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ବିଷୟରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ପିଡ଼ି ଅନାମ ଚରଣ ପାତ୍ର ଓ ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଟ୍ଟନାୟକ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସାମନ୍ତ ଚନ୍ଦ୍ରଶେଖର ଅନୁଷ୍ଠାନ ତରଫରୁ ପଠାଣି ସାମନ୍ତଙ୍କ ୧୮୪ତମ ଜୟନ୍ତୀ ଅବସରରେ ବ୍ରଜେନ୍ଦ୍ର ହାଇସ୍କୁଲର ପୁରାତନ ଛାତ୍ର ତଥା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କୁ ନୟାଗଡ଼ ବନ୍ଧୁ ସମ୍ମାନ, ଶିକ୍ଷାବିତ୍ ତଥା ବିଜ୍ଞାନ ସ୍ରଷ୍ଟା ପ୍ରଫେସର ବିଶ୍ୱଜିତ୍ ପ୍ରଧାନଙ୍କୁ ପଠାଣି ସାମନ୍ତ ପ୍ରତିଭା ସମ୍ମାନ, ସାରସ୍ୱତ ସାଧକ ଗିରିଶ ଚନ୍ଦ୍ର ମିଶ୍ରଙ୍କୁ ପଠାଣି ସାମନ୍ତ ସାହିତ୍ୟ ସମ୍ମାନ, ଶିଶୁ ସାହିତ୍ୟିକ ବସରିନ୍ ବିବିଙ୍କୁ ଦାଶରଥି ପଟ୍ଟନାୟକ ସମ୍ମାନରେ ଅତିଥିମାନେ ସମ୍ମାନିତ କରିଥିଲେ। ଜିଲା ମହୋତ୍ସବର ମୁଖପତ୍ର ଆରଣ୍ୟକ ଉନ୍ମୋଚନ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପରମ୍ପରା: ସନ୍ତାନଙ୍କ ଶୁଭ କାମନାରେ ବାଟ ଓଷା

**ଖଣ୍ଡପଡା,୨୪।୧୨(ସ୍ୱ.ପ୍ର)**

ସନ୍ତାନମାନଙ୍କ ଶୁଭ କାମନା କରି ସୋମବାର କଣ୍ଟିଲୋ, ଖଣ୍ଡପଡା ଅଞ୍ଚଳରେ ପାରମ୍ପରିକ ଦାଣ୍ଡପହଁରା ବା ବାଟଓଷା ପାଳିତ ହୋଇ ଯାଇଛି । ମହିଳାମାନେ ସନ୍ଧ୍ୟାରେ ଅପମାରଙ୍ଗ ଗଛରେ ପହଁରା ପ୍ରସ୍ତୁତ କରି ଆୟୋଜିତ ଓଷା ସ୍ଥଳକୁ ଓଳାଇଥିଲେ । ପରେ ବାଲିରେ ମୂର୍ତ୍ତି ସ୍ଥାପନ କରି ନୈବେଦ୍ୟ ଦେଇ ପୂଜା କରିଥିଲେ । ଏହି ଓଷା ପାଳନ ସମ୍ପର୍କରେ ପୁରାଣରୁ ଜଣାଯାଏ ଯେ, ପୂର୍ବେ ଜଣେ ସାଧବ ବୋହୂ କେତେକ ପିଲାଙ୍କୁ ଛେନା ଗୁଡ ବାଣ୍ଟୁଥିବା ବେଳେ ଅନ୍ୟ ଜଣେ ପିଲା ଏହାକୁ ମାଗିଥିଲା । ସାଧବ ବୋହୂ ସେହି ପିଲାକୁ ଛେନା ଗୁଡ ପରିବର୍ତ୍ତେ ପାଖରେ ପଡିଥିବା ଏକ ଭଙ୍ଗା ଖପରା ଦେଇ ଭଣ୍ଡାଇଥିଲେ । ଫଳରେ ସେହି ପିଲା ଅସନ୍ତୋଷ ପ୍ରକାଶ କରି ତାଙ୍କୁ ଅଭିଶାପ ଦେଇଥିଲା । ଏଥିପାଇଁ ସାଧବ ବୋହୂଙ୍କର ପରବର୍ତ୍ତି ସମୟରେ ଥର ଥର କରି ୭ଟି ସନ୍ତାନ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତେ ଅକାଳ ମୃତ୍ୟୁ ବରଣ କରିଥିଲେ । ଜନୈକ ସାଧୁଙ୍କ ପରାମର୍ଶ କ୍ରମେ ସାଧବ ବୋହୂ ଦାଣ୍ଡ ପହଁରା ଓଷା ପାଳନ କରିବା ପରେ ପିଲାମାନଙ୍କୁ ଫେରି ପାଇଥିଲେ ବୋଲି ଲୋକକଥା ରହିଛି । ଏହାକୁ ବିଶ୍ୱାସ କରି ଏବେ ବି ଓଡିଶାର ପୁରପଲ୍ଲୀର ମହିଳାମାନେ ପିଲାମାନଙ୍କ ମଙ୍ଗଳ ପାଇଁ ଦାଣ୍ଡପହଁରା ଓଷା ପାଳନ କରୁଛନ୍ତି । ଏହି ଦିନ ଗର୍ଭବତୀ ମହିଳାଙ୍କ ଇଚ୍ଛାନୁସାରେ ତାଙ୍କୁ ଖାଇବାକୁ ଦିଆ ଯାଇଥାଏ । ପରମ୍ପରା ଅନୁସାରେ ପିଲାମାନେ ଯାହା ଅଳି କରନ୍ତି କିମ୍ବା ମାଗନ୍ତି ତାହା ତାଙ୍କୁ ଦିଆଯାଏ ।



ମହିଳାମାନେ ବାଟ ଓଷା ପାଳନ କରୁଛନ୍ତି।

# ଶିକ୍ଷକମାନେ ସମୟୋପଯୋଗୀ ଶିକ୍ଷାଦାନ କରନ୍ତୁ: ମନ୍ତ୍ରୀ

**ଭାପୁର,୨୪।୧୨(ଡି.ଏନ୍.ଏ.)**



ଆୟୋଜିତ ସଭାରେ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ଭାପୁର ବ୍ଲକ ବାଇଗୁଣିଆ ଗ୍ରାମସ୍ଥିତ ପଠାଣି ସାମନ୍ତ କଲେଜର ୪୦ତମ ପ୍ରତିଷ୍ଠା ଦିବସ ଓ ୧୮୪ତମ ସାମନ୍ତ ଜୟନ୍ତୀ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କୁ ସମୟୋପଯୋଗୀ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। କଲେଜ ପରିଚାଳନା କମିଟି ସଭାପତି ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମନ୍ତ୍ରୀ ଅନନ୍ତ ଦାସଙ୍କ ସମେତ ବିଧାୟକ ତଥା ସିନେ କଳାକାର ଆକାଶ ଦାସ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସକାଳେ କଲେଜର ୨ଶହ ଛାତ୍ର ଖଣ୍ଡପଡ଼ା ମଧୁବନ ଷ୍ଟାଡିୟମଠାରୁ କଲେଜ ପର୍ଯ୍ୟନ୍ତ ଏକ ଗଣଦୌଡ଼ରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଆୟୋଜିତ ସଭାରେ ମନ୍ତ୍ରୀ ଓ ବିଧାୟକଙ୍କ ସହ କଲେଜ ଅଧ୍ୟକ୍ଷ ଡ. ବ୍ରଜମୋହନ ନାୟକ ଯୋଗଦେଇ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଭାଗୀରଥି ମହାରଣା ଅତିଥି ପରିଚୟ ଓ ଅଧ୍ୟାପକ ଗୋପବନ୍ଧୁ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ମନ୍ତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ଭଲିବଲ ଖେଳିବାକୁ ଯୋଗ୍ୟ ବିବେଚିତ ଛାତ୍ର ସୌମ୍ୟରଞ୍ଜନ ମହାରଣା ଓ ନୟାଗଡ଼ ଭଏସ୍ ଲାଗି ପ୍ରଥମ ରନର୍ସଅପ୍ ହୋଇଥିବା ଛାତ୍ର ପ୍ରୟାସ ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିନେ ତାରକା ଆକାଶ ଦାସନାୟକ ଓ ଯାତ୍ରା କଳାକାର ଦୈତାରୀ ପଣ୍ଡାଙ୍କୁ ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

## ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ନୟାଗଡ଼ ଅଫିସ,୨୪।୧୨**

ନୟାଗଡ଼ ଷ୍ଟାଡ଼ିୟମଠାରେ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନାରାୟଣୀ ମନ୍ଦିରଠାରୁ ଛାତ୍ରୀଛାତ୍ର କ୍ରୀଡ଼ା ମାଶାଲକୁ ଶୋଭାଯାତ୍ରାରେ ପଡ଼ିଆକୁ ଆଣିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତା ପଣ୍ଡା ମୁଖ୍ୟଅତିଥି ଓ ପରିଚାଳକ ଅଭୟ କୁମାର ପ୍ରଧାନ ମିଳିତ ଭାବେ ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କ୍ରୀଡ଼ାର ଆବଶ୍ୟକତା ବିଷୟରେ କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କ୍ରୀଡ଼ାବିତ୍ ରବୀନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସର୍ବକନିଷ୍ଠ ବିଭାଗରେ ଜଗନ୍ନାଥ ମହାପାତ୍ର, କନିଷ୍ଠ ବିଭାଗରେ ହିମାଂଶୁ ହର୍ଷବର୍ଦ୍ଧନ (ବାଳକ), ରୋଜାଲିନା ଜେନା (ବାଳିକା), ବରିଷ୍ଠ ବିଭାଗରେ ବିଶ୍ୱଜିତ ଜେନା (ବାଳକ) ଓ ଜାଗୃତି ପ୍ରିୟଦର୍ଶିନୀ (ବାଳିକା)ଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ରାଜୀବ କୁମାର ନାୟକ, ସହକାରୀ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ପ୍ରଦୀପ୍ତ ଚିତ୍ତରଞ୍ଜନ ସାହୁ, ଅରୁଣ କୁମାର ଜେନା କ୍ରୀଡ଼ା ପରିଚାଳନା କରିଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଖଣ୍ଡପଡାରେ ପଠାଣିସାମନ୍ତଙ୍କ ଜୟନ୍ତୀ

**ଖଣ୍ଡପଡା,୨୪।୧୨(ସ୍ୱ.ପ୍ର.):** କେବଳ ଖଣ୍ଡପଡା ନୁହେଁ ସାରାଦେଶ ପ୍ରତିଭା ଦୀପ୍ତ ତଥା ବିଶ୍ୱବିଖ୍ୟାତ୍ ଜ୍ୟୋର୍ତିବିଦ୍ ପଠାଣିସାମନ୍ତଙ୍କ ପାଇଁ ଗର୍ବିତ । ପଠାଣି ସାମନ୍ତ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ସେ ଏ ମାଟିରେ ଦୀପ୍ତିମନ୍ତ ପ୍ରତିଭା ବୋଲି ରାଜ୍ୟ ଉଚ୍ଚଶିକ୍ଷା ଓ ଶିଳ୍ପ ବିଭାଗ ମନ୍ତ୍ରୀ ଅନନ୍ତ ଦାସ ମତବ୍ୟକ୍ତ କରିଛନ୍ତି। ସୋମବାର ଅପରାହ୍ନରେ ଖଣ୍ଡପଡା ସହରାଞ୍ଚଳ ସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ଆୟୋଜିତ ପଠାଣି ସାମନ୍ତଙ୍କ ୧୮୪ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥିରୁପେ ଯୋଗଦେଇ ମନ୍ତ୍ରୀ ଦାସ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ । ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ। ସାମନ୍ତଙ୍କ ଯୋଗୁଁ ଖଣ୍ଡପଡା ମାଟି ଆଜି ଧନ୍ୟ ହୋଇଛି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିବା ସହ ଜନ୍ମମାଟିକୁ ପ୍ରଣାମ କରିଥିଲେ। ଅନୁଷ୍ଠାନର ସଭାପତି ରତ୍ନାକର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟବକ୍ତା ରୂପେ କୋରେଇ ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ଆକାଶ ଦାସ ନାୟକ ଯୋଗଦେଇ ପଠାଣି ସାମନ୍ତଙ୍କ ପାଣ୍ଡିତ୍ୟର ଭୂୟସି ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଖଣ୍ଡପଡା ସହରରେ ସଂଗ୍ରାହଳୟଟିଏ କାର୍ଯ୍ୟକରୁଥିବା ବେଳେ ସାମନ୍ତଙ୍କ ନାମରେ ଏକ ସାଇନ୍ସ ପାର୍କ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୬ କୋଟି ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି ବୋଲି ବିଧାୟକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥିତପ୍ରଜ୍ଞା ମହାପାତ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖଣ୍ଡପଡା ଅଞ୍ଚଳର ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଉପଢୌକନ ଓ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ପଞ୍ଜୀକୃତ ହେଲା ୮୦ ଅଭିଯୋଗ




ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ଗଣିଆ,୨୪।୧୨(ଡି.ଏନ୍.ଏ.)**

ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ନୟଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ ଜିଲାପାଳ ଏନ୍.ତିରୁମାଲା ନାୟକ ମୋଟ ୮୦ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ୮୦ ଅଭିଯୋଗ ମଧ୍ୟରେ ପାନୀୟଜଳ, ରାଶନ କାର୍ଡ, ବିଦ୍ୟୁତ୍ ଯୋଗାଣ, କଳାକାର ଭତ୍ତା, ବିଜୁ ପକ୍କାଘର ଓ ଉଦ୍ୟାନ କୃଷି ସଂକ୍ରାନ୍ତୀୟ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ବିଦ୍ୟୁତ୍, ସ୍କୁଲ,ପାନୀୟଜଳ ଓ ବସୁନ୍ଧରା ଯୋଜନାରେ ବାସଗୃହ ପଟ୍ଟା ସମ୍ପର୍କରେ ୮ ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଅବଶିଷ୍ଟ ୭୨ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଜିଲାପାଳଙ୍କ ଅନୁମୋଦନ କ୍ରମେ ଛାମୁଣ୍ଡିଆ ପଞ୍ଚାୟତ ଧୋବାବୋରେଇ ଗ୍ରାମର ଦିନବନ୍ଧୁ ନାୟକଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ହଜାର ଟଙ୍କା ଚେକ ଆକାରରେ ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ବ୍ଲକ କଳା ଓ ସଂସ୍କୃତି ସଂଘ ତରଫରୁ ବ୍ଲକର ବହୁ ବରିଷ୍ଠ କଳାକାରମାନଙ୍କୁ ଭତ୍ତା ପ୍ରଦାନରେ ଅଣଦେଖା କରାଯାଇଥିବା ନେଇ ଅଭିଯୋଗର ଶୁଣାଣି କରି ଜିଲାପାଳ ଖୁବ୍‌ଶୀଘ୍ର ଏହାର ପୁନଃ ବିଚାର କରାଯାଇ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ବଡଶିଳିଙ୍ଗା ପଞ୍ଚାୟତ ଆବାସିକ ବିଦ୍ୟାଳୟରେ ଶିକ୍ଷକ ଅଭାବ, ପାଚେରି ନିର୍ମାଣରେ ବିଳମ୍ବ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିଥିଲେ। ଏହି ଶିବିରରେ ଜିଲାପାଳଙ୍କ ସମେତ ଡିଏସପି ସଂଗ୍ରାମ କେଶରୀ ବେହେରା, ଏଡିଡି ଡିଆରଡିଏ ସନ୍ତୋଷିନୀ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଫନୀନ୍ଦ୍ର କୁମାର ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ଅଭୟ କୁମାର ମଲ୍ଲିକ,ଜିଲା ଆପତ୍‌କାଳୀନ ଅଧିକାରୀ ଧୋବା ନାୟକ,ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ତହସିଲଦାର ସ୍ୱାତିଲେଖା ଦାସ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଗଣିଆ ବିଡିଓ ସରୋଜ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଶର୍ଟସର୍କିଟ ଯୋଗୁ ପୋଡ଼ିଗଲା ୪ବଖରା

**ଗଣିଆ,୨୪।୧୨(ଡି.ଏନ୍.ଏ.)**

ଗଣିଆ ତହସିଲର ଛାମୁଣ୍ଡିଆ ରାଜସ୍ୱ ସର୍କଲ ଅନ୍ତର୍ଗତ ଛାଡମୂଳ ଗ୍ରାମ ନାହାକସାହିରେ ଗତ ରବିବାର ରାତିରେ ନିଆଁଲାଗି ୪ ବଖରା ପୋଡି ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ରବୀନ୍ଦ୍ର ନାହାକ,ପ୍ରଭଞ୍ଜନ ନାହାକ, କୁବେର ନାହାକ ଓ ପରମାନନ୍ଦ ନାହାକଙ୍କର ୧ବଖରା ଲେଖାଏ ଘର ପୋଡିଯାଇଛି । ରବିବାର ରାତ୍ର ପ୍ରାୟ ୧୦ଟାରେ ବିଦ୍ୟୁତ୍ ସଟସର୍କିଟ ଯୋଗୁ ପ୍ରଭଞ୍ଜନଙ୍କ ଘରେ ନିଆଁ ଲାଗିଥିଲା । ପରେ ଅନ୍ୟମାନଙ୍କ ଘରକୁ ନିଆଁ ବ୍ୟାପିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ୪ ବିପନ୍ନ ପରିବାରଙ୍କ ସମସ୍ତ ଲୁଗାପଟା,ଧାନଚାଉଳ ଓ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। କ୍ଷୟକ୍ଷତିର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ବିପନ୍ନ ପରିବାରର ସଦସ୍ୟଙ୍କଠାରୁ ଜଣାପଡିଛି । ଖବରପାଇ ସୋମବାର ସକାଳୁ ଗଣିଆ ତହସିଲଦାର ସ୍ୱାତିଲେଖା ଦାସ,ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ବାରିକ ଓ ପ୍ରଶାନ୍ତ କୁମାର ନାୟକ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ପଲିଥିନ୍ ଯୋଗାଇଦେବା ସହିତ କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ ।



ତହସିଲଦାର ପୋଡିଯାଇଥିବା ଘର ବୁଲି ଦେଖୁଛନ୍ତି ।

# ବାସନ୍ଦ ପରିବାର ସଦସ୍ୟଙ୍କୁ ମାଡ଼

**ରଣପୁର,୨୪।୧୨(ସ୍ୱ.ପ୍ର.)**

## ଆପୋସ ସମାଧାନ କହି ମାଡ଼ ମାରିଲେ, ୨ଜଣଙ୍କୁ ବାନ୍ଧି ରଖିଲେ

ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଖଡିଆ ପଞ୍ଚାୟତର ମଠସାହିରେ କଙ୍ଗାରୁ କୋର୍ଟ ମାଧ୍ୟମରେ ବାସନ୍ଦ କରି ରଖାଯାଇଥିବା ଏକପରିବାରର ଜଣେ ବ୍ୟକ୍ତିଙ୍କୁ ସୋମବାର ମାଡ ମରାଯାଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ସେହିପରି ତାଙ୍କର ୨ ସହଯୋଗୀଙ୍କୁ ଅଟକ ରଖାଯାଇଛି। ଗୁରୁତର ବ୍ୟକ୍ତି ହେଲେ ଦାମୋଦର ସାହୁ।

ପ୍ରକାଶ ଯେ, ଖଡିଆ ଗ୍ରାମ ମଠସାହିର ସର୍ବେଶ୍ୱର ସାହୁ ଓ ବିଦୁଲତା ପ୍ରଧାନଙ୍କ ପରିବାର ମଧ୍ୟରେ ସୁସମ୍ପର୍କ ରହିଥିଲା । ଗତ କଛି ମାସ ତଳେ ବିଦୁଲତାଙ୍କ ସ୍ୱାମୀଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଏହାପରେ ସର୍ବେଶ୍ୱରଙ୍କୁ ବିଦୁଲତାଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ସାହିବାସିନ୍ଦାମାନେ ମନା କରିଥିଲେ। ହେଲେ ଦଶାହ କାର୍ଯ୍ୟରେ ସର୍ବେଶ୍ୱର ବିଦୁଲତାଙ୍କ ପରିବାରକୁ ସହଯୋଗ କରିଥିଲେ । ଏହାକୁ ବିରୋଧ କରି ୩ମାସ ତଳେ ସାହିରେ କଙ୍ଗାରୁ କୋର୍ଟ କରାଯାଇ ସର୍ବେଶ୍ୱରଙ୍କୁ ୯୦ହଜାର ଟଙ୍କା ଜରିମାନା କରାଯାଇଥିଲା । ଯଦି ଏହି ଟଙ୍କା ୧ମାସ ଭିତରେ ସର୍ବେଶ୍ୱର ନ ଦିଅନ୍ତି ତାହାଲେ ପ୍ରତ୍ୟେକ ମାସରେ ୧୦% ସୁଧ ସହିତ ଦେବାକୁ କଙ୍ଗାରୁ କୋର୍ଟରେ କୁହାଯାଇଥିଲା । ଏନେଇ ସର୍ବେଶ୍ୱର ଦର୍ପନାରାୟଣପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଅପରପକ୍ଷେ ସାହି ବାସିନ୍ଦାମାନେ ସର୍ବେଶ୍ୱରଙ୍କ ପରିବାରକୁ ଏକଘରିକିଆ କରିଥିଲେ । ସର୍ବେଶ୍ୱର ଗତ ୭ ତାରିଖରେ ୧୦ରୁ ଊର୍ଦ୍ଧ୍ୱ ସାହିବାସୀଙ୍କ ନାମରେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ ନ କରି ସେମାନଙ୍କୁ ଡାକି ଆପୋସ ସମାଧାନ କରିବାକୁ କହିଥିଲା । ଏ ନେଇ ଥାନାରେ ଗତ ୭ ତାରିଖରେ ଅଭିଯୋଗ ହୋଇଥିଲା । ପୋଲିସ ସାହିର ସଭାପତି ଶଶିଭୂଷଣ ଦଳବେହେରାଙ୍କ ସମେତ ଭଦ୍ରଲୋକଙ୍କ ମାଧ୍ୟମରେ ଏହାର ଆପୋସ ସମାଧାନ କରିବା ପାଇଁ କହିଥିଲା । ପରେ ଏକ ବାସନ୍ଦ ହୋଇଥିବା ପରିବାର ଓ ସାହି ଲୋକମାନେ ଗତ ୧୬ ତାରିଖରେ ଥାନାରେ ହାଜର ହୋଇଥିଲେ। ଦର୍ପନାରାୟଣପୁର ଫାଣ୍ଡି ନିକଟସ୍ଥ ଗଦେଇଶୁଣୀ ଠାକୁରାଣୀଙ୍କ ପୀଠରେ ସୋମବାର ଉଭୟ ପକ୍ଷ ବସି ଆପୋସ ସମାଧାନ କରିବା ପାଇଁ ଲିଖିତ ଭାବେ ରଣପୁର ଥାନାରେ ଜଣାଇଥିଲେ। ସୋମବାର ପୂର୍ବାହ୍ନ୧୧ ଟାରେ ଉଭୟ ପକ୍ଷ ବସିଥିଲେ ମଧ୍ୟ ସାହିର କିଛି ଲୋକ ଏହା ସାହିରେ ଆଲୋଚନା ହେବ କହି ଉଠି ଚାଲି ଯାଇଥିଲେ । ଏହା ପରେ ଏକ ବାସନ୍ଦ ପରିବାର ସାହିକୁ ଯାଇଥିଲେ ମଧ୍ୟ ସେଠାରେ ସାହିର ୨୦ରୁ ଊର୍ଦ୍ଧ୍ୱଲୋକ ସର୍ବେଶ୍ୱରଙ୍କ ବାପା ଦାମୋଦର ସାହୁଙ୍କୁ ମାଡ ମାରିବାରୁ ସେ ଗୁରୁତର ହୋଇଛନ୍ତି। ଏଥିସହ ଦାମୋଦରଙ୍କ ୨ ଶଳା କେନ୍ଦୁଝିପି ଗ୍ରାମର ଅଜୟ ସାହୁ , ଦୁର୍ଯ୍ୟୋଧନ ସାହୁଙ୍କୁ ଗ୍ରାମରେ ବାନ୍ଧି ଅଟକ ରଖିଛନ୍ତି । ଦାମୋଦରଙ୍କୁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏ ନେଇ ଦାମୋଦରଙ୍କ ସ୍ତ୍ରୀ କୁମୁଦିନୀ ସାହୁ ରଣପୁର ଥାନାରେ ସାହିବାସୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଫାଣ୍ଡି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଏଭଳି ଘଟଣା ଘଟିଲା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।



ଆହତ ବ୍ୟକ୍ତି।